## ସଂକ୍ଷେପରେ

### ଧାରଣାରେ ବସିବେ ପୂର୍ବତନ ବିଧାୟକ

ସଜନାଗଡ଼,୨୯।୧୨(ଡି.ଏନ.ଏ.)-ନୀଳଗିରି ଲ୍ୟାମ୍ପରେ ଚାଷୀଙ୍କ ଧାନକ୍ରୟରେ ଅବହେଳା ପ୍ରତିବାଦରେ ଆସନ୍ତା ୩୧ ତାରିଖରେ ନୀଳଗିରି ଉପଜିଲାପାଳଙ୍କ ଅଫିସ୍ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ରବିବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ଚଳିତ ବର୍ଷ ସରକାରଙ୍କୁ ଧାନ ବିକ୍ରି ପାଇଁ ନୀଳଗିରି ଲ୍ୟାମ୍ପରେ ନିଜ ନିଜର ନାମ ପଞ୍ଜିକରଣ ପାଇଁ ଠିକ୍ ସମୟରେ ଦାଖଲ କରିଥିଲେ। ହେଲେ ବହୁ ଚାଷୀ ପଞ୍ଜିକରଣରୁ ବଞ୍ଚିତ ହୋଇଥିବା ବେଳେ ଏବେ କିପରି ଧାନ ବିକ୍ରି କରିବେ ଚିନ୍ତାରେ ପଡ଼ିଛନ୍ତି। ଲ୍ୟାମ୍ପର ଏମ୍‌ଡ଼ିଙ୍କ ଚାଷୀମାରଣ ନୀତି ବିରୋଧରେ ଅନିର୍ଦ୍ଦିଷ୍ଟ କାଳ ଧରି ଚାଷୀମାନଙ୍କ ଗହଣରେ ଧାରଣାରେ ବସିବେ ବୋଲି ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

### ଶୀତକାଳୀନ ଏନଏସଏସ୍ ଶିବିର

ବାହାନଗା,୨୯।୧୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗାସ୍ଥିତ ଉଚ୍ଚ ମାଧମିକ ବିଦ୍ୟାଳୟରେ ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ବାହାନଗାସ୍ଥିତ ବାରିକ୍‌ପୁର ନିକଟସ୍ଥ ଗ୍ରାମରେ ଏହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରକୁ ବିଦ୍ୟାଳୟ ଅଧକ୍ଷ ବିନୋଦ କୁମାର ମହାରଣା ଉଦ୍‌ଘାଟନ କରିଥିଲେ। ଶିବିରାର୍ଥୀ ମାନେ ସ୍ୱଚ୍ଛଭାରତ ଅଭିଯାନ, ବୃକ୍ଷରୋପଣ, ସଚେତନତା ଶୋଭାଯାତ୍ରା, ପଥପ୍ରାନ୍ତ ନାଟକ, ସାଧାରଣ ସଭା, ମହିଳା ସଶକ୍ତିକରଣ ସହିତ ପ୍ଲାଷ୍ଟିକ ବର୍ଜନ, ଗ୍ରାମ ସଫେଇ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ତେବେ ଲୋକମାନଙ୍କୁ ନୃତ୍ୟ, ଗୀତ ମାଧମରେ ସଚେତନତା କରାଇଥିଲେ। ଶିବିରରେ ଉଚ୍ଚ ମାଧମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନା ସଂଯୋଜକ ଡ. ଦୀପକ କୁମାର ବେହେରା, ଅଧକ୍ଷ ବିନୋଦ କୁମାର ମହାରଣା, ଅଧାପକ ଲକ୍ଷ୍ମଣ ପଣ୍ଡା,ବରୁଣ ପଣ୍ଡା, ହେମନ୍ତ ସ,ବିକାଶ ମୋହନ ଦାସ ଏନଏସଏସର ପୁରୁଷ ବିଭାଗର ପ୍ରୋଗ୍ରାମ ଅଫିସର ମହେଶ୍ୱର ଉପାଧାୟ, ଅଧାପିକା ସ୍ନେହାଞ୍ଜଳି ଦାସ ପ୍ରମୁଖ ଯୋଗ ଦେଇ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଅଧିକାରିଣୀ ଇତିଶ୍ରୀ ସମିତା ବେହେରା ପରିଚାଳନା କରିଥିଲେ।

■ ନିଷେଧାଦେଶ ସତ୍ତ୍ୱେ

# ଚାଲିଛି ବାଲି ଚୋରା ଚାଲାଣ

ଜଳେଶ୍ୱର,୨୯।୧୨(ସ୍ୱ.ପ୍ର.)

ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ର ନିଷେଧାଦେଶ ପରେ ସୁବର୍ଣ୍ଣରେଖା ନଦୀପଠାରୁ ବାଲି ଖନନ ବନ୍ଦ ରହିଛି। ଫଳରେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ବାଲି ସମସ୍ୟା ଉତ୍କଟ ରୂପ ଧାରଣ କରି ସମସ୍ତ ସରକାରୀ, ବେସରକାରୀ ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। ଅନ୍ୟପଟେ ଚୋରା ମାଫିଆମାନେ ଅବାଧରେ ଚୋରା ବାଲି ଚାଲାଣ କରୁଛନ୍ତି। ଏ ଦିଗରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।


ଟ୍ରାକ୍ଟରରେ ଚୋରାରେ ବାଲି ଚାଲାଣ କରାଯାଉଛି।

ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ତହସିଲ ଅଞ୍ଚଳରେ ଥିବା ରାଜନଗର, ମାକିଡ଼ିଆ, କୁଅଁରପୁର, ପ୍ରହରାଜପୁର, ଗୁଆଗଡ଼ିଆ, ମକ୍ରମପୁର, ଦକ୍ଷିଣପ୍ରହରାଜପୁର, ଭାନୁପୁର, ଶିଖରପୁର, ପଞ୍ଚୁଘଣ୍ଟା, ମହମ୍ମଦନଗରପାଟଣା, ଚାଲନ୍ତି, ସନ୍ତୋଷପୁର, ଜମାଲପୁର, ଗୋବର୍ଦ୍ଧନପୁର, କଣ୍ଟାପାଳ ଆଦି ବାଲି ସୈରାତରୁ ଅତୀତରେ ବେଧଡ଼କ ଭାବେ ବାଲି ଚାଲାଣ ହୋଇ ଆସୁଥିଲା। କିନ୍ତୁ ଏନଜିଟିର ବାରମ୍ବାର ପରିଦର୍ଶନ ଓ ଚଢ଼ାଉ ଫଳରେ ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲା ପ୍ରଶାସନ ଏବଂ ଓଡ଼ିଶାର ବାଲେଶ୍ୱର ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ବାଲି ଖନନ ବନ୍ଦ କରିଛନ୍ତି। କିନ୍ତୁ ଏବେ ବି ରାଇବଣିଆ ଥାନା ଇଲାକାରେ ଥିବା ଭାନୁପୁର, ଶିଖରପୁର, ମକ୍ରମପୁର, ଦକ୍ଷିଣ ପ୍ରହରାଜପୁର, କୁଅଁରପୁର, ମାକିଡ଼ିଆ ଅଞ୍ଚଳରୁ ବ୍ୟାପକ ବାଲି ପଶ୍ଚିମବଙ୍ଗକୁ ଚାଲାଣ ହେଉଛି। ପଶ୍ଚିମବଙ୍ଗର କେତେକ ମାଫିଆ ଓଡ଼ିଶାର କେତେକ ଲୋକଙ୍କୁ ହାତକରି ନଦୀରେ ଅସ୍ଥାୟୀ କାଠପୋଲ ନିର୍ମାଣ କରି ବାଲି ପରିବହନ କରିଆସୁଛନ୍ତି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ବ୍ୟାପକ ଅତଡ଼ା ଖସିବା, ସ୍ୱମ୍ପପମ୍ପ ମେଶିନ୍ ଚାଲିବା ଦ୍ୱାରା ଭୂକମ୍ପନ ସୃଷ୍ଟି ହେଉଛି। ବହୁ ଅଭିଯୋଗ ପରେ ଜଳେଶ୍ୱରର ଭାରପ୍ରାପ୍ତ ତହସିଲଦାର କ୍ଷୀରୋଦ ପଣ୍ଡା ସଦଳବଳେ ଯାଇ ଏକ ଜେସିବି ମେସିନ ଜବତ କରିଛନ୍ତି। କିନ୍ତୁ ତହସିଲଦାର କିମ୍ବା ଅନ୍ୟ କୌଣସି ପଦସ୍ଥ କର୍ମଚାରୀ ବାଲି ସୈରାତ ଅଞ୍ଚଳକୁ ଚଢାଉ କରିବାକୁ ଯିବା ପୂର୍ବରୁ ବାଲି ଚୋରାଚାଲାଣକାରୀମାନେ ଖବର ପାଇ ଗାଡ଼ିଗୁଡ଼ିକୁ ପଶ୍ଚିମବଙ୍ଗ ପଠାଇ ଦେଉଛନ୍ତି। ଗତ ୨ ଦିନ ତଳେ କେତେକ ଚୋରା ବାଲି ବ୍ୟବସାୟୀ ବାଲି ନେଇ ଯାଉଥିବାର ଖବର ପାଇ ଜଳେଶ୍ୱର ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର ଟୋଲ ପ୍ଲାଜା ନିକଟରେ ପହଞ୍ଚିବା ପୂର୍ବରୁ ସେଠାରୁ ବାଲି ବୋଝେଇ ଡମ୍ପର ଓ ଟ୍ରାକ୍ଟର ଖସିଯିବାରେ ସକ୍ଷମ ହୋଇଥିଲେ।

■ ରାଜ୍ୟସ୍ତରୀୟ ରସାୟନ ବିଜ୍ଞାନ ଅଲିମ୍ପିଆଡ଼

## ଏଫଏମ୍ କନିଷ୍ଠ ମହାବିଦ୍ୟାଳୟକୁ ଶ୍ରେଷ୍ଠ ପୁରସ୍କାର

ବାଲେଶ୍ୱର ଅଫିସ, ୨୯।୧୨

ଚଳିତ ଶିକ୍ଷାବର୍ଷ ୨୦୧୯-୨୦ ପାଇଁ ଓଡ଼ିଶା ରସାୟନ ବିଜ୍ଞାନ ଅଲିମ୍ପିଆଡ଼ ପକ୍ଷରୁ ବାଲେଶ୍ୱର ଏଫଏମ୍ କନିଷ୍ଠ ମହାବିଦ୍ୟାଳୟକୁ ଶ୍ରେଷ୍ଠ ମହାବିଦ୍ୟାଳୟ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୨୪ତାରିଖରେ ସମ୍ବଲପୁରର ବୁର୍ଲା ସହରରେ ଅନୁଷ୍ଠିତ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଉତ୍ସବରେ ଅଲିମ୍ପିଆଡ଼ର ସାଧାରଣ ସମ୍ପାଦକ ଡ. ପ୍ରଭାତ କୁମାର ସ୍ୱାଇଁଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଏହି ରାଜ୍ୟସ୍ତରୀୟ ପରୀକ୍ଷାରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନରୁ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିଲେ। ଏଥିପାଇଁ ମହାବିଦ୍ୟାଳୟର ଅଧକ୍ଷ ପର୍ଶୁରାମ ଜେନାଙ୍କ ସମେତ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି।


ମହାବିଦ୍ୟାଳୟକୁ ମିଳିଥିବା ପୁରସ୍କାରକୁ ଅଧକ୍ଷଙ୍କୁ ପ୍ରଦାନ କରାଯାଉଛି।

### ବିଜେଡିର ପ୍ରତିଷ୍ଠା ଦିବସ

ବାଲିଆପାଳ,୨୯।୧୨(ସ୍ୱ.ପ୍ର.)

ବାଲିଆପାଳ ବ୍ଲକର ଜମୁନାଶୁଳ ପାନ୍ଥନିବାସ ଠାରେ ବିଜୁ ଜନତା ଦଳର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ ସଭାପତି ଚକ୍ରଧର ଗିରି ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗଦେଇ ଦଳୀୟ କାର୍ଯ୍ୟକ୍ରମ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଲୋକପ୍ରିୟ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଦଳର କର୍ମୀମାନେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବସ୍ତା ବ୍ଲକ ବିଜେଡି ସଭାପତି ତ୍ରିଲୋଚନ ବେହେରା, ବସ୍ତା ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ଜିଲା କୃଷକ ଜନତାର ସଭାପତି ଅଜୟ ସାମଲ, ମହାଦେବ ଦାସ, ଶ୍ୟାମାପ୍ରସାଦ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ଶଶଧର ପ୍ରଧାନ, ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ଅଣ୍ଡିଆ, ଅଜୟ ପାତ୍ର, ନିଶାକର ସେଠୀ ପ୍ରମୁଖ ଯୋଗଦେଇ ଦଳକୁ ତଳସ୍ତରରୁ ମଜବୁତ କରିବା ପାଇଁ ଦଳୀୟ କର୍ମୀ କାର୍ଯ୍ୟ କରିବା ଉପରେ ମତବ୍ୟକ୍ତ କରିଥିଲେ।

# ୮ରେ ଭାରତ ବନ୍ଦ

■ ସଫଳ କରିବାକୁ ମିଳିତ କନ୍‌ଭେନ୍‌ଶନରେ ନିଷ୍ପତ୍ତି



ପରିବହନ ଶ୍ରମିକ ସଂଘ ସଭାଗୃହରେ ଆୟୋଜିତ ମିଳିତ କନ୍‌ଭେନଶନ।

ବାଲେଶ୍ୱର ଅଫିସ, ୨୯।୧୨

ଆସନ୍ତା ଜାନୁୟାରୀ ୮ତାରିଖରେ ଭାରତ ବନ୍ଦ କରାଯିବ। ଏ ନେଇ ବାଲେଶ୍ୱର ଫାଣ୍ଡିଛକସ୍ଥିତ ପରିବହନ ଶ୍ରମିକ ସଂଘ ସଭାଗୃହରେ ରବିବାର ଆୟୋଜିତ ମିଳିତ ଟ୍ରେଡ୍ ୟୁନିୟନ୍ କନ୍‌ଭେନ୍‌ଶନ୍‌ରେ ନିଷ୍ପତ୍ତି ନିଆଯାଇଛି। ଟିୟୁସିସିର ଆବାହକତ୍ୱରେ ଜିଲାର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ, ଜାତୀୟ ଫେଡେରେଶନ ଓ ସ୍ୱାଧୀନ ଶ୍ରମଜୀବୀ ସଙ୍ଗଠନଗୁଡ଼ିକର ମିଳିତ କନ୍‌ଭେନ୍‌ଶନରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ମାୟାଧର ନାୟକ, ରାଜକିଶୋର ଲେଙ୍କା, ରବୀନ୍ଦ୍ରନାଥ ବେହେରା, ବିକାଶ ଦାସ, ପୀତାମ୍ବର ମାଝି, ଶାନ୍ତନୁ ଦାସ ଓ ଜଗଦୀଶ ବାରିକଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି।

ପୂର୍ବତନ ବିଧାୟକ ତଥା ଶ୍ରମିକ ନେତା ଅରୁଣ ଦେ ଯୋଗଦେଇ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ସମସ୍ତ ଜନଗଣ ବିରୋଧରେ ଗଣତନ୍ତ୍ର, ସମ୍ବିଧାନ, ସାମ୍ପ୍ରଦାୟିକ ସଦ୍‌ଭାବନାକୁ ଆଘାତ ଦେବା ଭଳି ବିଭିନ୍ନ ଆଇନ ପ୍ରଣୟନ କରି ଦେଶବାସୀଙ୍କ କ୍ରୋଧର ଶିକାର ହୋଇଛି। ତେଣୁ ଭାରତ ବନ୍ଦ ଆହ୍ୱାନ କେବଳ ଜିଲାରେ ନୁହେଁ, ସମଗ୍ର ଦେଶରେ ସଫଳ ହେବ ବୋଲି ସେ କହିଥିଲେ। ଟିୟୁଏସିସିର ସାଧାରଣ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଆଗାମୀ ବନ୍ଦକୁ ସଫଳ କରିବା ନିମିତ୍ତ ସହର ଓ ଗ୍ରାମାଞ୍ଚଳରେ ବ୍ୟାପକ ପ୍ରଚାର ପାଇଁ ସଭା, ଶୋଭାଯାତ୍ରା, ଶିଳ୍ପସଂସ୍ଥାମାନଙ୍କ ସମ୍ମୁଖରେ ଗେଟ୍ ମିଟିଂ, ପଥପ୍ରାନ୍ତ ସଭା ଲାଗି ଏକ ଚିଠା ପ୍ରସ୍ତାବ ଆଗତ କରିବା ପରେ ତାହା ଗୃହୀତ ହୋଇଥିଲା। ଦରଦାମ୍, ବେକାରି, ଶ୍ରମିକ ଛଟେଇ ଓ ମାଲିକମାନଙ୍କ ସପକ୍ଷରେ ଶ୍ରମ ଆଇନ ସଂଶୋଧନକୁ ବିରୋଧ, ସମାନ କାମକୁ ସମାନ ମଜୁରି, ଠିକା ନିଯୁକ୍ତି ପ୍ରଥା ବନ୍ଦ ଆଦି ୧୨ଦଫା ଦାବିରେ ସର୍ବଭାରତୀୟ ବନ୍ଦକୁ ବାଲେଶ୍ୱର ଜିଲାରେ ସଫଳ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏଆଇଟିୟୁସି, ସିଆଇଟିୟୁ, ଆଇଏନ୍‌ଟିୟୁସି, ଏଆଇୟୁଟିୟୁସି, ଏନ୍‌ଏଫ୍‌ଆଇଟିୟୁ ଏବଂ ଏଚ୍‌ଏମ୍‌ଏସ୍ ଆଦି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସମେତ ପ୍ରତିରକ୍ଷା, ବ୍ୟାଙ୍କ୍, ବୀମା, ଡାକ, ପୌର କର୍ମଚାରୀ, ଉଠାଦୋକାନୀ, ବିଦ୍ୟୁତ୍, ଅଙ୍ଗନୱାଡ଼ି, ଆଶାକର୍ମୀ, ପାଚିକା, ବସ୍ତିବାସିନ୍ଦା, ଉଠା ଜଳସେଚନ, ରିକ୍ସାଚାଳକ, ଅଟୋଚାଳକ, ପରିବହନ ଶ୍ରମିକ, ନିର୍ମାଣ ଶ୍ରମିକ, ସ୍କିମ୍ ୱାର୍କର୍ସ, ଠିକା କର୍ମଚାରୀ ଓ ବିଭିନ୍ନ କଳକାରଖାନାର ଶ୍ରମିକ ପ୍ରତିନିଧିମାନେ ଏହି କନଭେନ୍‌ଶନ୍‌ରେ ଯୋଗଦେଇ ଭାରତ ବନ୍ଦ ପାଇଁ ସେମାନଙ୍କର ଦୃଢ଼ ସମର୍ଥନ ଜଣାଇଥିଲେ। ବିଭିନ୍ନ ସଙ୍ଗଠନ ତରଫରୁ ପ୍ରେମରଞ୍ଜନ ପାତ୍ର, ଭାଗବତ ପ୍ରତିହାରୀ, ନିକୁଞ୍ଜ ବସନ୍ତ ରାୟ, ନିରାକାର ପାଣ୍ଡବ, ରଞ୍ଜନ ବାରିକ, ଗୌରୀ ଦାସ, ବେଣୁଧର ବାରିକ, ମୋହିନୀ ମୋହନ ପରିଡ଼ା, ନମିତା ପଣ୍ଡା, ମୃତ୍ୟୁଞ୍ଜୟ ରାଉତ, ସେକ୍ ସଲାଉଦ୍ଦିନ୍, ବିଜୟ ପାତ୍ର, ଶ୍ୟାମସୁନ୍ଦର ଜେନା, ଉମାକାନ୍ତ ପାତ୍ର, ରାଜେନ୍ଦ୍ର ବେହେରା, ଶରତ ଚନ୍ଦ୍ର ଦଳାଇ, ରାଜକିଶୋର ପାତ୍ର, ଅସିତ୍ ବରଣ ଦାସ ଓ ସୁଦୀପ୍ତ ସିଂହ ପ୍ରମୁଖ ସମର୍ଥନ କରିଥିଲେ।

## ଖେଳ ଖବର

ବିଜୟାଞ୍ଜଳି ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ

### ଟାଇବ୍ରେକରରେ ନୀଳଗିରି ରୋଡ଼ ବିଜୟୀ


ଟୁର୍ନାମେଣ୍ଟ ଉଦ୍‌ଯାପନୀ ଅବସରରେ ଉପସ୍ଥିତ ଅତିଥି।

ରେମୁଣା, ୨୯।୧୨(ଡି.ଏନ.ଏ.)

ଶେରଗଡ଼ ପଞ୍ଚାୟତ ବଜରଙ୍ଗ ୟୁଥ୍ କ୍ଲବ ଆନୁକୂଲ୍ୟରେ ୮ମ ବାର୍ଷିକ ଦୁଇଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ହାଜିପୁର ହାଟ ପଡ଼ିଆରେ କାଙ୍ଗାଳି ଚରଣ ବାରିକଙ୍କ ସ୍ମୃତିରେ ବିଜୟାଞ୍ଜଳି ଟ୍ରଫି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଚିତାକର୍ଷକ ହୋଇଥିଲା। ଏହି ମ୍ୟାଚ ଏଫସି ସୁତେଇ ଏବଂ ନୀଳଗିରି ରୋଡ଼ ବରୁଣସିଂ ମଧରେ ଖେଳାଯାଇଥିଲା । କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ ମଧ ଶେଷରେ ଟାଇବ୍ରେକର ସହାୟତାରେ ନୀଳଗିରି ରୋଡ଼କୁ ବିଜୟୀ ଘୋଷିତ କରାଯାଇଥିଲା। ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଇଂ ବିଦୁବେନ୍ଦୁ ପାତ୍ର, ପୂର୍ବତନ ଜିଲାପରିଷଦ ଅଧକ୍ଷ ଗିରିଶ ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାକୁଡ଼ ଯୋଗଦେଇଥିଲେ। ସମାଜସେବୀ ମାୟାଧର ରାଉତ ଅଧକ୍ଷତା କରିଥିବା ବେଳେ ଭାସ୍କର ଚନ୍ଦ୍ର ମୁଦୁଲି ମଞ୍ଚ ପରିଚାଳନା ଏବଂ ରବୀନ୍ଦ୍ର ସିଂ ଧନ୍ୟବାଦ ଦେଇଥିଲେ।

## ଦେବାଶିଷ ମେମୋରିଆଲ ବରୁଣ ସିଂ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ରେମୁଣା,୨୯।୧୨(ଡି.ଏନ.ଏ.)

ରେମୁଣା ବ୍ଲକ ବରୁଣସିଂ ସରସ୍ୱତୀ କ୍ଲବ ଆନୁକୂଲ୍ୟରେ ରୁପାବାଲି ପଡ଼ିଆରେ ଦେବାଶିଷ ମେମୋରିଆଲ ବରୁଣସିଂ ପ୍ରିମିୟର ଲିଗ୍ (ବିପିଏଲ) ଟୁର୍ନାମେଣ୍ଟର ଷଷ୍ଠ ତମ ସଂସ୍କରଣ ରବିବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ଭାବେ ଡାକ୍ତର ସୁଧାଂଶୁ ଶେଖର ପରିଡ଼ା, ମୁଖ୍ୟବକ୍ତା ଭାବେ ଚନ୍ଦୁଲାଲ ଘଡ଼େଇ ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ ରଘୁନାଥ ନାଏକ, ସମାଜସେବୀ ମାର୍କଣ୍ଡ ଚରଣ ସେଠୀ, ପ୍ରଭାକର ଶତପଥୀ, କ୍ଷୀତିଶ କୁମାର ବେହେରା ଏବଂ ସ୍ୱର୍ଗତ ଦେବାଶିଷଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ଭାସ୍କର ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟରେ ୬ ଓଭର ବିଶିଷ୍ଟ ୪ଟି ଟ୍ରାଏଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବୁଲେଟ ଇଲେଭେନ, ଫ୍ୟୁରୋସ ଇଲେଭେନ୍, ତାହାଲିଆ ଇଲେଭେନ୍, ସାଇ ଏକାଦଶ, ଏ କେ -୪୫, କଳିଙ୍ଗ ଟାଇଗର୍, ମା' ବାସୁଳି ଏବଂ ଷ୍ଟାର୍ ଫାଇଟର୍ ଆଦି ୮ଟି ଟିମ୍ ଭାଗ ନେଇଛନ୍ତି। ସରସ୍ୱତୀ କ୍ଲବର ସଭ୍ୟ କମଳାକାନ୍ତ ଦାସ, ବିଶ୍ୱନାଥ ପ୍ରଧାନ, ଗଜେନ୍ଦ୍ର ମହାଳିକ, ଚନ୍ଦନ କୁମାର ଦାସ, ଚନ୍ଦନ କୁମାର ବେହେରା, ସତ୍ୟବ୍ରତ ବେହେରା, ଅଭୟ କୁମାର ଦଳେଇ, ମୁକେଶ ଦାସ, ଗୌରାଙ୍ଗ ପ୍ରଧାନ, ଗୌରାଙ୍ଗ ରାଉତ, ପ୍ରଦିପ ଜେନା, ରାକେଶ ବେହେରା, ମହେଶ ବେହେରାଙ୍କ ସମେତ ସମସ୍ତ ସଭ୍ୟ ପରିଚାଳନା କରିଥିଲେ।


ପ୍ରିମିୟର ଲିଗ୍‌କୁ ଉଦ୍‌ଘାଟନ କରାଯାଉଛି।

## 'ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ପ୍ରସ୍ତାବ'



ସାଧାରଣ ସଭାରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଅଫିସ,୨୯।୧୨

ବାଲେଶ୍ୱର ସହରସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ବାଲେଶ୍ୱର ଉତ୍କଳ ଗୌରବ ମଧୁସୂଦନ ସାଂସ୍କୃତିକ ପରିଷଦ ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କୁ ନୂତନ ଭାବେ ସଭାପତି ଦାୟିତ୍ୱ ଦିଆଯାଇଛି। ମଧୁବାବୁଙ୍କର ବିଭିନ୍ନ ଗୁଣ ଉପରେ ପୁସ୍ତକ ରଚନା କରାଯାଇ ପାଠ୍ୟ ପୁସ୍ତକରେ ସାମିଲ କରାଯିବା ଲାଗି ବିଭିନ୍ନ ପଦକ୍ଷେପ ନେବାକୁ ସିଦ୍ଧାନ୍ତ ହୋଇଛି। ଏଥିସହ ପରିଷଦକୁ ବର୍ଦ୍ଧିତ କରାଯାଇ ସହରରେ ମଧୁବାବୁଙ୍କର ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଆୟୋଜିତ ସଭାରେ ଡ. ହରିଶ୍ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ତଥା ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ଉପଦେଷ୍ଟା ଡି. ହୃଦୟ, ଉପ-ସଭାପତି ଭଗବାନ ଦାସ ଖଣ୍ଡେଲୱାଲ, ଯୁଗ୍ମ-ସମ୍ପାଦକ ତୁଷାରକାନ୍ତି ମହାପାତ୍ର ମଞ୍ଚାସୀନ ଥିବାବେଳେ ସମାଜସେବୀ ପ୍ରଜ୍ଞା ପରମିତା ମହାନ୍ତି, ବିଜୟ ଲକ୍ଷ୍ମୀ ମହାନ୍ତି, ରାଜ ଲକ୍ଷ୍ମୀ ମହାନ୍ତି, ଖବରଦାତା ରତିକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ଜୀବନୀ ଉପରେ ମନ୍ତବ୍ୟ ଦେଇଥିଲେ।

## ଭଲିବଲରେ ସାହାଦା କ୍ଲବ ଚାମ୍ପିୟନ

ବାଲେଶ୍ୱର ଅଫିସ,୨୯।୧୨

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ସାହାଦାଠାରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସାମାଜିକ ସଙ୍ଗଠନ ମୁନ୍ କମ୍ୟୁନିକେଶନ ଓ ସାହାଦା ଭଲିବଲ ଆସୋସିଏଶନ ମିଳିତ ସହଯୋଗରେ ଦୁଇଦିନ ଧରି ଭଲିବଲ ଓ ଲମ୍ଫଡ଼ିଆଁ, ଉଚ୍ଚଡ଼ିଆଁ ପ୍ରତିଯୋଗିତା ଶନିବାର ଶେଷ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କମ୍ୟୁନିକେଶନର ସମ୍ପାଦକ ଅବନୀ କୁମାର ଜେନା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ରଣସାହି ପଞ୍ଚାୟତର ସମିତିସଭ୍ୟା ଭାରତୀ ସାହୁ ଯୋଗଦେଇ ଗ୍ରାମାଞ୍ଚଳ କ୍ରୀଡ଼ାକୁ ଗୁରୁତ୍ୱ ଦେଲେ ବହୁ ପ୍ରତିଭାବାନ୍ ବ୍ୟକ୍ତିତ୍ୱ ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିପାରିବେ ବୋଲି କହିଥିଲେ। ସମାଜସେବୀ ସସ୍ମିତ କୁମାର ନାୟକ, ସନାତନ ରାଉତ, ମନୋରଞ୍ଜନ ସାହୁ, ଶିକ୍ଷକ ଜୀବନ କୁମାର ପାଣିଗ୍ରାହୀ, ସଦର ବ୍ଲକର ପୂର୍ବତନ ଅଧକ୍ଷ ସୁଦର୍ଶନ ରାଉତ ମଞ୍ଚାସୀନ ରହି ଗ୍ରାମାଞ୍ଚଳର କ୍ରୀଡ଼ାର ବିକାଶ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଅଛି ବୋଲି ମତ ରଖିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭଲିବଲ ବିଜୟୀ ଦଳ ଭାବେ ସାହାଦା କ୍ଲବ ଓ ରନର୍ସ ଦଳ ଭାବେ ସାରଗାଁ କ୍ଲବ ଦଳକୁ କପ୍ ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାହାଦା ଭଲିବଲ ଆସୋସିଏଶନ ପକ୍ଷରୁ ଯଦୁପତି ବେହେରା, ପ୍ରଶାନ୍ତ କୁଅଁର, ରାକେଶ ଗିରି, ଚିନ୍ମୟ ରାଉତ, ମାନସ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ସରିଲା ଗ୍ରାମାଞ୍ଚଳ କ୍ରୀଡ଼ା**


ଅତିଥିଙ୍କ ଗହଣରେ ବିଜୟୀ ଭଲିବଲ ଦଳ।

## ୬ରୁ ଲଙ୍କେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

ଖଇରା, ୨୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚଳିତବର୍ଷ ୩୭ତମ ବାବା ଲଙ୍କେଶ୍ୱର ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ଜାନୁୟାରୀ ୬ତାରିଖରୁ ଆରମ୍ଭ ହେବ। ଏଥିପାଇଁ କ୍ରିକେଟ କମିଟି ତରଫରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରସ୍ତୁତି ବୈଠକ ଡକାଯାଇ ଖେଳର ଚୂଡାନ୍ତ ଖସଡା ପ୍ରସ୍ତୁତ କରାଯାଇଛି । ବିଭିନ୍ନ ଜିଲାରୁ ଖେଳରେ ଭାଗ ନେଉଥିବା ଟିମ୍‌ଙ୍କ ନାମ ଏବଂ ଖେଳସୂଚୀ ଘୋଷଣା କରାଯାଇଛି । ୬ତାରିଖରେ ଉଦ୍‌ଘାଟନୀ ମ୍ୟାଚ ଭଦ୍ରକ ସୂର୍ଯ୍ୟଶିଖା ଓ ବାଲେଶ୍ୱରର ବିଡି କ୍ରିକେଟ ଆସୋସିଏଶନ, ୭ତାରିଖରେ ପୁରୀର ପାଇଓନିଏର କ୍ଲବ ଓ ବାରିପଦାର ଡିଆରକେ ମଧରେ ଅନୁଷ୍ଠିତ ହେବ। ୮ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସେହିଭଳି ୧୦ତାରିଖରେ ଭଦ୍ରକ ରେଲୱେ ଓ ଯାଜପୁର ମହାବୀର କ୍ରିକେଟ, ୧୧ତାରିଖରେ ଭୁବନେଶ୍ୱର କ୍ରାଉନ ଓ ନିମାପଡା ସ୍ପୋର୍ଟିଂ ମଧରେ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ୧୨ତାରିଖରେ ଦ୍ୱିତୀୟ ସେମିଫାଇନାଲ ଏବଂ ୧୫ତାରିଖ ମକର ସଂକ୍ରାନ୍ତିରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଦର୍ଶକଙ୍କ ଭିଡ ତଥା ଖେଳାଳିମାନଙ୍କର ଖେଳିବାରେ ଯେଭଳି କିଛି ଅସୁବିଧା ନ ହୁଏ ସେସବୁକୁ ଦୃଷ୍ଟିରେ ରଖି ପିଚ୍ ଓ ପଡିଆ ପ୍ରସ୍ତୁତିକୁ ଧ୍ୟାନ ଦିଆଯାଉଛି ବୋଲି କ୍ରିକେଟ କମିଟି ସଭାପତି ଅଭିମନ୍ୟୁ ରାଉଳ ଏବଂ ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ପ୍ରକାଶ କରିଛନ୍ତି । ଏଥରର ମ୍ୟାଚ୍ ବେଶ୍ ରୋମାଞ୍ଚକର ହେବ ବୋଲି ଉପସଭାପତି ଜୀବନଜ୍ୟୋତି ଦାସ ଏବଂ ସହସମ୍ପାଦକ ଗୋବର୍ଦ୍ଧନ ମହାରଣା ଆଶାବ୍ୟକ୍ତ କରିଛନ୍ତି ।

## ଗାଁ ମଜ୍‌ଲିସ୍ ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

ସୋର, ୨୯।୧୨(ଡି.ଏନ୍.ଏ.)

ସାହିତ୍ୟର ସୂକ୍ଷ୍ମ ଚେତନା ସଭ୍ୟତାକୁ ଅଗ୍ରଗାମୀ କରାଇବାରେ ପଥ ପ୍ରଦର୍ଶକ ହେଇଥାଏ। ରାଧାନାଥଙ୍କ କାବ୍ୟକୃତି ଏହି ମର୍ମରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟର ଏକ ଅଦ୍ଭୁତ ସମିଶ୍ରଣ ବୋଲି ବିଶିଷ୍ଟ ଗାଳ୍ପିକ ରାଧାବିନୋଦ ନାୟକ ଗାଁ ମଜଲିସ୍ ସାହିତ୍ୟ ସଂସଦ ୩୦ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଉତ୍ସବକୁ ସୋର ବିଧାୟକ ପର୍ଶୁରାମ ଧଡ଼ା ଉଦ୍‌ଘାଟନ କରି ସାହିତ୍ୟ, ସଂସ୍କୃତି ବିନା ସମାଜ ତିଷ୍ଠିବା ଅସମ୍ଭବ। ଆଜିର ଯୁବପିଢ଼ିଙ୍କ ମଧରେ ସାହିତ୍ୟ ପ୍ରତି ଅନାଗ୍ରହ ଓଡ଼ିଆ ଭାଷା ପ୍ରତି ବିପଦର କାରଣ ହୋଇପାରେ। ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ରାଧାରାଣୀ ମହାପାତ୍ର ଯୋଗଦେଇ ସରକାରଙ୍କ ସହଯୋଗ ନ ପାଇଲେ ବି ଜନତାଙ୍କର ସହଯୋଗରେ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ତିଷ୍ଠିପାରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପରିଚୟ ପତ୍ରିକାର ସମ୍ପାଦିକା ଅରୁଣା ରାୟ ଯୋଗଦେଇଥିଲେ। ଏହି ଉତ୍ସବରେ ସଂସଦର ସଭାପତି ଡ. ରମାକାନ୍ତ ବେହେରା ପୌରୋହିତ୍ୟ କରିଥିବା ବେଳେ ଅନାଦି ଚରଣ ଜେନା, ବିଜୟ କୁମାର ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲା। କଲେଜ ଅଧକ୍ଷ ଡ. ଶ୍ରୀକାନ୍ତ ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବ ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଚେମେଇ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ଡ. ରବୀନ୍ଦ୍ର ବିହାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଦେବେନ୍ଦ୍ର କୁମାର ପ୍ରଧାନ ବିବରଣୀ ପାଠ କରିଥିଲେ। ଦାମୋଦର ଦାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଗାଁ ମଜଲିସ ସାହିତ୍ୟ ସମ୍ମାନ ବିଶିଷ୍ଟ କବି ଦିବ୍ୟସିଂହ ଦାସଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ସାରସ୍ୱତ ସାଧକମାନଙ୍କ ମଧରେ କବି ପ୍ରଶାନ୍ତ କୁମାରାର ଦାସ, ଅଶୋକ କୁମାର ମହାନ୍ତି, ଡ.ଝରଣା ପଟ୍ଟନାୟକ, ନୃତ୍ୟଗୁରୁ କୁନ୍ତିଳତା ପାଳ, ଶରତ ଚନ୍ଦ୍ର ମହାପାତ୍ର, ଅନସୂୟା ଦଳେଇ ଓ କବି ବ୍ରଜେନ୍ଦ୍ର ଗିରି, ନିରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ରମାନଙ୍କ ମଧରେ ଗଙ୍ଗାଧର ବେହେରା, ଦୀନେଶ ବେହେରା, ଶୁଭମ୍ ପ୍ରଧାନ, ସୁନମ କରଙ୍କୁ ମେଧା ପୁରସ୍କାର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ପକ୍ଷୀ ଗଣନା ପ୍ରଶିକ୍ଷଣ ଶିବିର

**ରାଇରଙ୍ଗପୁର,୨୯।୧୨(ଡି.ଏନ୍.ଏ.):** ରାଇରଙ୍ଗପୁର ବନ ବିଭାଗୀୟ ରେଞ୍ଜ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ଶନିବାର ବିଭାଗୀୟ ଡିଭିଜନ ପକ୍ଷରୁ ପକ୍ଷୀ ଗଣନା ଲାଗି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପକ୍ଷୀ ଗଣନା ଆସନ୍ତା ଜାନୁୟାରୀ ୩ରୁ ଆରମ୍ଭ ହେବ। ଶିବିରରେ ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ(ଏସ୍‌ଟିଆର)ର ପ୍ରଶିକ୍ଷକ ସଞ୍ଜୀବ କୁମାର ମିଶ୍ର ରାଇରଙ୍ଗପୁର ବନ ଡିଭିଜନର ବିଭିନ୍ନ ଅଞ୍ଚଳରେ ପକ୍ଷୀ ଗଣନା ବେଳେ ପକ୍ଷୀଙ୍କ ଗତିବିଧି ଉପରେ କିପରି ନଜର ରଖାଯିବ ସେନେଇ ପ୍ରଶିକ୍ଷଣ ଦେଇଥିଲେ। ରାଇରଙ୍ଗପୁର ବନ ଡିଭିଜନର ଏସିଏଫ୍ ସୁରେଶ ଚନ୍ଦ୍ର ପଣ୍ଡାଙ୍କ ସମେତ ରାଇରଙ୍ଗପୁର, ବହଳଦା, କୁସୁମୀ, ବିଶୋଇ ଏବଂ ମଣଦା ବନ ବିଭାଗୀର ଅଧିକାରୀ ଓ କର୍ମଚାରୀ ଏଥିରେ ଯୋଗଦେଇଥିଲେ।

### ମାହାଲି ସମ୍ପ୍ରଦାୟର ବନ୍ଧୁମିଳନ



**ବିଶୋଇ,୨୯।୧୨(ଡି.ଏନ.ଏ.):** ପୁରାତନ ବର୍ଷକୁ ବିଦାୟ ଦେଇ ନୂତନ ବର୍ଷକୁ ସ୍ୱାଗତ କରିବା ନିମନ୍ତେ ରବିବାର ବିଶୋଇ ବ୍ଲକ ମାହାଲି ସମ୍ପ୍ରଦାୟ ପକ୍ଷରୁ ଏକ ଭିନ୍ନ ଢାଞ୍ଚାରେ ବନ୍ଧୁମିଳନର ଆୟୋଜନ କରାଯାଇଥିଲା। ଖଡ଼ମବେଡା ପଞ୍ଚାୟତର ସ୍ଥାନୀୟ ବାତୁଣିଆସ୍ଥିତ ମହୁଲପଡିଆଠାରେ ଏହି ସମ୍ପ୍ରଦାୟର ଶତାଧିକ ଲୋକ ଏକତ୍ରିତ ହୋଇ ଭୋଜିଭାତ କରିବା ସହିତ ହାତକୁ ହାତ ଛନ୍ଦି ନୃତ୍ୟଗୀତରେ ହଜିଯାଇଥିଲେ। ମୟୂରଭଞ୍ଜ ମାହାଲି ସମ୍ପ୍ରଦାୟର ସମ୍ପାଦକ ରବି ମାହାଲିଙ୍କ ସମେତ ରାମଦାସ ମାହାଲି, ଚାନ୍ଦ୍ରାୟ ମାର୍ଣ୍ଡି, ସୁନୀଲ ମାହାଲି, ବାବୁଲି ମାହାଲି, ରଥ ମାହାଲି, କୁନାଲ ମାହାଲି, ଶିବନାଥ ମାହାଲି, ଗରାଚାନ୍ଦ ମାହାଲି, ରିଣ୍ଟୁ ମାହାଲି, ଗଣେଶ ମାହାଲି, ରାଜୁ ମାହାଲି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ପୋଡ଼ିଗଲା ଧାନଗଦା



**ବିଶୋଇ,୨୯।୧୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ଲୁହାକାନି ପଞ୍ଚାୟତର ସ୍ଥାନୀୟ ମାଣିଚ ଗ୍ରାମରେ ରବିବାର ଅପରାହ୍ନରେ ଶମ୍ଭୁନାଥ ବିନ୍ଧାଣିଙ୍କ ଧାନ ଗଦାରେ ନିଆଁ ଲାଗି ପ୍ରାୟ ୩ ଏକର ବିଶିଷ୍ଟ ଜମିର ଧାନ ନଷ୍ଟ ହୋଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଖବରପାଇ ସ୍ଥାନୀୟ ଦମକଳ ବାହିନୀ ଅଧିକାରୀ କାହ୍ନୁଚରଣ କିସ୍କୁଙ୍କ ନେତୃତ୍ୱରେ ମୁଖ୍ୟଅଗ୍ନିକ ବସନ୍ତ କୁମାର ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଲୁହାକାନି ପଞ୍ଚାୟତ ସମିତି ସଦସ୍ୟା ସୁନିତା ଲତା ମାଝି ସେଠାରେ ପହଞ୍ଚି ପ୍ରଶାସନ ପାଖରେ ଯଥାଶୀଘ୍ର କ୍ଷତିପୂରଣ ଦେବାକୁ ସେ ଅନୁରୋଧ କରିବେ ବୋଲି କହିଛନ୍ତି।

### ବନ୍ଧୁ ମିଳନରେ ସ୍ମୃତିଚାରଣ

**ବାରିପଦା ଅଫିସ,୨୯।୧୨:** ବାରିପଦା ଶାଳବଣି ଫରେଷ୍ଟ ଗେଷ୍ଟ ହାଉସ ଠାରେ ୧୯୭୩ ମସିହା ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦିବଂଗତ ସ୍ୱର୍ଗତ ବିମଳାନନ୍ଦ ଦାସ, ପ୍ରଦୀପ୍ତ କୁମାର ସାମନ୍ତରାୟ, ଆରତୀ ସାହୁଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟାଚର ବୈଦନାଥ ରଥ, ବିଜୟ ସିଂ, କୃଷ୍ଣ ଦାସ, ସତ୍ୟବାନ ସେଠୀ, କମଳ ଲୋଚନ ଗିରି, ଶୁଭେନ୍ଦୁ ପାଲ, ଆହିନ ପାତ୍ର, ବିଜୟ ସିହ୍ନା, ପ୍ରଭାତ ଦାସ, ସୁଜିତ ବୋଷ, ବିଜନ ଦାସମହାପାତ୍ର, ସୃଷ୍ଟିଧର ମୁଦୁଲି, ତପନ କର, ପ୍ରଭାସ ମହାନ୍ତି, ରବି ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ବୟସର ଅପରାହ୍ନରେ ସମସ୍ତେ ସ୍କୁଲ ସମୟର ଅନୁଭୂତି ବଖାଣି ଆନନ୍ଦ ନେଇଥିଲେ।

# ସୌନ୍ଦର୍ଯ୍ୟ ଅଛି ବିକାଶ ନାହିଁ

- ମାଛକାନ୍ଦଣା ଟିଙ୍ଗୁଡ଼ିଆ ଜଳପ୍ରପାତ
- ଯାତାୟାତ ଲାଗି ପାଦଚଲା ରାସ୍ତା ଭରସା
- ସ୍ଥାନୀୟ ଲୋକେ ପର୍ଯ୍ୟଟକଙ୍କ ଲାଗି ସଫା କରନ୍ତି ରାସ୍ତା



ଜଳପ୍ରପାତର ମନୋରମ ଦୃଶ୍ୟ।

**କପ୍ତିପଦା,୨୯।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ୍ ପୋଡ଼ାଡିହା ବନଖଣ୍ଡ ଅଧୀନ ମାଛକାନ୍ଦଣା ଓ ଟିଙ୍ଗୁଡିଆ ଜଳପ୍ରପାତର ମନୋରମ ସୌନ୍ଦର୍ଯ୍ୟ ସଭିଙ୍କୁ ଆନମନା କରିଥାଏ। ଶିମିଳିପାଳର ଜୈବବିବିଧତା, ସବୁଜିମାପୂର୍ଣ୍ଣ ପରିବେଶ ଓ ଜଳପ୍ରପାତର ନିଆରା ଆକର୍ଷଣ ସବୁ ସମୟରେ ପର୍ଯ୍ୟଟକ, କବି, ଦାର୍ଶନିକ ଓ ପ୍ରକୃତିପ୍ରେମୀକୁ ଆକୃଷ୍ଟ କରିଆସୁଛି। ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ହୋଇଥିଲେ ବି ମାଛକାନ୍ଦଣା ଓ ଟିଙ୍ଗୁଡିଆ ଜଳପ୍ରପାତ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ଲାଗି ଆବଶ୍ୟକ ଭିତ୍ତିଭୂମିର ବିକାଶ ହୋଇପାରିନାହିଁ।

ମେଘାସନୀ ପର୍ବତମାଳାରେ ଅନେକ ସଙ୍କୀର୍ଣ୍ଣ ଉପତ୍ୟକା ସହିତ ଚିରସ୍ରୋତା ଝରଣା ପ୍ରବାହିତ ହେଉଛି। ଏହି ଝରଣାକୁ ନେଇ ସୃଷ୍ଟି ହୋଇଛି ବହୁ ମନୋରମ ଜଳପ୍ରପାତ। ସେଥିମଧ୍ୟରୁ ମାଛକାନ୍ଦଣା ଓ ଟିଙ୍ଗୁଡିଆ ଜଳପ୍ରପାତ ଅନ୍ୟତମ। ଦୁର୍ଗମ ଇଲାକାରେ ଥିବା ଏହି ଜଳପ୍ରପାତ ନିକଟରେ ପହଞ୍ଚିବା ପାଇଁ କୌଣସି ରାସ୍ତା ସୁବିଧା ନାହିଁ। ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବା କହିଛନ୍ତି। ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକମାନେ ପାଦଚଲା ରାସ୍ତାରେ ଚାଲି ଚାଲି ୫କିମିରୁ ଊର୍ଦ୍ଧ୍ୱ ରାସ୍ତା ପାର ହୋଇ ସ୍ଥାନୀୟ ଲୋକଙ୍କ ସହାୟତାରେ ସେଠାରେ ପହଞ୍ଚିବାକୁ ସମର୍ଥ ହୋଇଥାନ୍ତି। ପାହାଡ଼ ଜଙ୍ଗଲ ମଧ୍ୟରେ ଥିବା ପାଦଚଲା ରାସ୍ତାରେ ଯାତାୟାତ ନିରାପଦ ନୁହେଁ । ଏହି ଜଳପ୍ରପାତ ନିକଟକୁ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଇ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଗଲେ ସରକାରଙ୍କ ରାଜସ୍ୱ ବୃଦ୍ଧିରେ ସହାୟକ ହୁଅନ୍ତା ବୋଲି ଜେଏସ୍ ଜାମୁଡିହାର ପୂର୍ବତନ ସରପଞ୍ଚ ମୋହନ ଦାସ ପ୍ରକାଶ କରିଛନ୍ତି।

ପର୍ଯ୍ୟଟନ ଋତୁ ଆସିଲେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ସ୍ଥାନୀୟ ଲୋକେ ସହାୟତା କରିବା ସହ ସେମାନେ ନିଜେ ରାସ୍ତା ସଫେଇ ଭଳି କାର୍ଯ୍ୟ କରିଆସୁଛନ୍ତି। ମାଛକାନ୍ଦଣା ଓ ଟିଙ୍ଗୁଡିଆ ଜଳପ୍ରପାତର ଉଚ୍ଚତା ପ୍ରାୟ ୨ଶହ ୫୦ରୁ ୩ଶହ ଫୁଟ ହେବ । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ନିମ୍ନକୁ ଝରିପଡୁଥିବା ଜଳର ଗୁରୁଗମ୍ଭୀର ଶବ୍ଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପାଣି ପଡୁଥିବା ସ୍ଥାନରେ ସ୍ୱତନ୍ତ୍ର ଭାବେ ଏକ ଜଳକୁଣ୍ଡ ରହିଛି। ପୂର୍ବରୁ ମାଛମାନେ ଏହି ଜଳପ୍ରପାତର ନିମ୍ନସ୍ଥାନକୁ ଆସିପାରୁ ନ ଥିବାରୁ ଗୁମୁରି ଗୁମରି କାନ୍ଦୁଥିବା ଲୋକକଥା ରହିଛି। ତେଣୁ ଏହା ଲୋକମୁଖରେ ମାଛକାନ୍ଦଣା ନାମରେ ପରିଚିତ। ସେହିପରି ଟିଙ୍ଗୁଡ଼ିର ଗୋଡ଼ ସଦୃଶ ପାଣିର ସରୁ ସରୁ ଧାର ବାହାରୁ ଥିବାରୁ ଏହାକୁ ଟିଙ୍ଗୁଡିଆ ଜଳପ୍ରପାତ କୁହାଯାଇଥାଏ। ଏହି ସବୁ ଜଳପ୍ରପାତ ନିକଟରେ ବଡ଼ ମାଛକାନ୍ଦଣା, ସାନ ମାଛକାନ୍ଦଣା ଭଳି ଆଉ କେତେକ ଜଳପ୍ରପାତ ରହିଛି। ଏଥିରୁ ନିର୍ଗତ ଜଳକୁ ନେଇ କୁଶଭଦ୍ରା ନଦୀର ସୃଷ୍ଟି ହୋଇଥିବା କୁହାଯାଏ। ପୌରାଣିକ କୀର୍ତ୍ତିପୀଠ ଶମୀବୃକ୍ଷ କଡ଼ଦେଇ କାଳବନ୍ଧରେ ଏହାର ଜଳରାଶି ମିଶି ପରିବେଶର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଛି। ପ୍ରତିବର୍ଷ ଅକ୍ଟୋବରରୁ ଜାନୁୟରୀ ଶେଷ ପର୍ଯ୍ୟନ୍ତ ଏହି ସ୍ଥାନଗୁଡ଼ିକୁ ଅନେକ ଲୋକ ବଣଭୋଜି କରିବାକୁ ଆସିଥାନ୍ତି। ପୂର୍ବରୁ ବନଖଣ୍ଡ ଦାୟିତ୍ୱରେ ଥିବା କେତେକ ଅଧିକାରୀ ଜଳପ୍ରପାତକୁ ରାସ୍ତା ନିର୍ମାଣ ଲାଗି ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ମାତ୍ର କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂଙ୍କୁ ପଚାରିବାରୁ ଜଙ୍ଗଲ ବିଭାଗର ନିୟମକାନୁନକୁ ଦୃଷ୍ଟିରେ ରଖି ଯାହା କିଛି ପଦକ୍ଷେପ ନେବା ସମ୍ଭବ। ଏ ସମ୍ପର୍କରେ ସେ ଜିଲାପାଳ ଓ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତାଙ୍କର ବାହାନ କାହାଣ ଚରଣ**
**ମାଇପ କହୁଛନ୍ତି ଚନ୍ଦ୍ର ଉଦିଆ କିଣ ।**

ସ୍ୱାମୀର ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭା ପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ କପର୍ଦ୍ଦକଶୂନ୍ୟ, ଅଭାବଗ୍ରସ୍ତ ସେତେବେଳେ ସ୍ତ୍ରୀଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ଅଡିବସିବା ଅବିବେକୀର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନ ପାଏ ତୋରାଣିରେ ଲୁଣ**
**ଘର ଘରେ ଲୋଡ଼େ ତିନି ତୁଉଣ ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭା ପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠେ ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ଘର ଘର ବୁଲି ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ହାସ୍ୟାସ୍ପଦ ମନେ ହୋଇଥିବା ସ୍ଥଳେ ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ




ଟ୍ରଫି ସହ ବିଜୟୀ ଦଳର ସଦସ୍ୟ।

### ରାଇରଙ୍ଗପୁର ଆର୍‌ସିସି ଚାମ୍ପିୟନ

**ରାଇରଙ୍ଗପୁର,୨୯।୧୨(ଡି.ଏନ୍.ଏ)**

ସ୍ଥାନୀୟ ଦୀପକ କୁମାର କ୍ରିକେଟ ମେମୋରିଆଲ କ୍ଲବ ଆନୁକୂଲ୍ୟରେ ମହୁଲଡିହା ଖେଳପଡିଆଠାରେ ରବିବାର ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇରଙ୍ଗପୁର କ୍ରିକେଟ କ୍ଲବ (ଆର୍‌ସିସି) ଝାଡଖଣ୍ଡ ରାଜ୍ୟ ଜାମସେଦପୁର ଲିଓ କ୍ରିକେଟ କ୍ଲବୁ ହରାଇ ଚାମ୍ପିୟାନ ହୋଇଛି। ଆର୍‌ସିସି କ୍ରିକେଟ କ୍ଲବ ୩୦ ଓଭର ମଧ୍ୟରୁ ୨୬ ଓଭରଖେଳି ୩ ଉଇକେଟ୍ ହରାଇ ୧୪୦ ରନ୍ କରିଥିଲା। ପ୍ରତିଦ୍ୱନ୍ଦୀ ଜାମସେଦପୁର ଲିଓ କ୍ରିକେଟ କ୍ଲବ ୩୦ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୩୮ ରନ୍ କରିଥିଲା। ଆରସିସି କ୍ରିକେଟ କ୍ଲବର ଖେଳାଳି ଦେବାଶିଷ ମହାନ୍ତ ମ୍ୟାନ୍ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ସେହିପରି ଅଭିଜ୍ଞ ମହାନ୍ତି(କାହ୍ନା) ଅଧିକ ଚୌକା, ଛକା ମାରି ପୁରସ୍କୃତ ହୋଇଥିଲେ। ଦୁର୍ଗାଚରଣ ପଟ୍ଟନାୟକ ଏବଂ ଦିଲ୍ଲୀପ ଚୌଧୁରୀ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ରାଜକିଶୋର ଦାସ, ପ୍ରକାଶ ସୋରନ୍, ନବଚରଣ ଦାସ, ଭାସ୍କର ମଢେଇ,ଗଣେଶ୍ୱର ସିଂ ଖୁଣ୍ଟିଆ, ଡା.ବୁଦ୍ଧାନ ମୁର୍ମୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।



ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ଅବସରରେ ସଂଘର କର୍ମକର୍ତ୍ତା।

### ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

**ବାରିପଦା ଅଫିସ,୨୯।୧୨**

ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରକାଶ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାରେ ଜୟଚନ୍ଦ୍ର ସୋରେନ, କୋଷାଧ୍ୟକ୍ଷ ଜ୍ୟୋତି ପ୍ରକାଶ ମିଶ୍ର, ଉପଦେଷ୍ଟା ପ୍ରଦୀପ କୁମାର ସାହୁ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ନୀଳକଣ୍ଠ ସାହୁ, ଭାଗବତ ପାଢ଼ୀ, ମନୋରଞ୍ଜନ ଦାଶ, ସୁରଞ୍ଜନ ଦାସ, ଭୂପତି ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ଜମା ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଖାଲି ପଡିଥିବା ବିଭିନ୍ନ ପଦବୀ ପଦୋନ୍ନତି ଭିତ୍ତିରେ ପୂରଣ କରିବା, କାର୍ଯ୍ୟରୁ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ଏକମାସ ମଧ୍ୟରେ ପ୍ରଦାନ, କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଆଦି ଦାବି ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ୨୦୨୦-୨୧ ଓ ୨୦୨୧-୨୨ ମସିହା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ପ୍ରକାଶ ଚନ୍ଦ୍ର ବାରିକ, ସମ୍ପାଦକ ଭାବେ ଜୟଚନ୍ଦ୍ର ସୋରେନ, କୋଷାଧ୍ୟକ୍ଷ ଭାବେ ଜ୍ୟୋତି ପ୍ରକାଶ ମିଶ୍ର, ଉପସଭାପତି ଭାବେ ଅଭିଜିତ ସାହୁ, ସହକାରୀ ସମ୍ପାଦକ ଭାବେ କୁନାଲ ଶଙ୍କର ସାହୁ, ଯୁଗ୍ମ ସମ୍ପାଦକ ଭାବେ ରବି ଅଗ୍ରୱାଲଙ୍କୁ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ସୁନିତା ମହାନ୍ତ, ମାନସ ଧୀର, ଭାସ୍କର ଜେନା, ଦିଲୀପ ସାହୁ, ରଜତ ମିଶ୍ର, ପରେଶ ବେହେରା, ଅଶୋକ ସାହୁ, ଅବିନାଶ ବେହେରା, ନିରୁପମା ମହାନ୍ତ, ମାନସ ଘୋଷ, ରଜନୀକାନ୍ତ ନାଏକ, ଭାଗବତ ସାହୁ, ଦିଲୀପ ପାତ୍ର, ଦୀନବନ୍ଧୁ ପରିଡା ପ୍ରମୁଖଙ୍କୁ ଚୟନ କରାଯାଇଥିଲା।

### ନିମ୍ନମାନର ରାସ୍ତା କାମ ଅଭିଯୋଗ

**ଚିତ୍ରଡ଼ା, ୨୯।୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗୋଡ଼ିଗାଁ ପଞ୍ଚାୟତରେ କଂକ୍ରିଟ ରାସ୍ତା କାମ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ୱାର୍ଡସଭ୍ୟ ଫୋତ ସୋରେନଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲୋଧା ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ଅଟକଳରେ କରାଯାଉଥିବା କଂକ୍ରିଟ ରାସ୍ତାର ଉପଯୁକ୍ତ ତଦାରଖ କରାଯାଉନାହିଁ। ବ୍ୟବହୃତ ସାମଗ୍ରୀର ଭାଗମାପ ଠିକ୍ ରହୁ ନ ଥିବା, ରାସ୍ତାର ଓସାର କମ୍ ରହୁଥିବା ଏବଂ ଢଳେଇ ପୂର୍ବରୁ ତଳେ ବାଲି ଦିଆଯାଉ ନ ଥିବା ଭଳି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଲୋଧା ଉନ୍ନୟନ ସଂସ୍ଥାର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଏଭଳି ଅଭିଯୋଗକୁ ଖଣ୍ଡନ କରିଥିଲେ ମଧ୍ୟ ସେ ନିଜେ ନିରୀକ୍ଷଣ ପାଇଁ ଯିବେ ବୋଲି କହିଛନ୍ତି।

### ବଡ଼ସାହିରେ କଂଗ୍ରେସର ପ୍ରତିଷ୍ଠା ଦିବସ

**ବଡ଼ସାହି,୨୯।୧୨(ସ୍ୱ.ପ୍ର):** ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଶନିବାର ଜାତୀୟ କଂଗ୍ରେସର ୧୩୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଦଳର ପୂର୍ବତନ ବ୍ଲକ ସଭାପତି ଗୁଣନିଧି ମହାନ୍ତି ଅଧ୍ୟକ୍ଷତା କରିଥିଲେ । ପ୍ରାରମ୍ଭରେ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କର୍ମୀମାନଙ୍କୁ ନେଇ ଅନୁଷ୍ଠିତ ସଭାରେ ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କରମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ବଳା, ବିରଞ୍ଚି ନାରାୟଣ ମହାପାତ୍ର, ହାଡ଼ିବନ୍ଧୁ ମହାପାତ୍ର, ଶଶାଙ୍କ ଶେଖର କର, ଆନନ୍ଦ ଶଙ୍କର ପାତ୍ର, ଶ୍ରୀଧର ବାରିକ ଓ ପ୍ରୀତୋଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଆମ ପୋଲିସ ସମିତି ବୈଠକରେ ପୋଲିସ ଅଧିକାରୀ ଓ ଗ୍ରାମବାସୀ।

### ଦିଘିରେ 'ଆମ ପୋଲିସ ସମିତି' ବୈଠକ

**ବାଙ୍ଗିରିପୋଷି,୨୯।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦିଘି ପଞ୍ଚାୟତର ଦରକଣ୍ଟିଆ ଗ୍ରାମରେ 'ଆମ ପୋଲିସ ସମିତି'ର ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଥାନା ଅଧିକାରୀ ଦୟାନିଧି ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମିତିର ସ୍ଥାୟୀ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ମୁର୍ମୁ, ଡ. ବିଦ୍ୟାଧର ନାଏକ, ସମାଜସେବୀ ବିରକିଶୋର ମହାନ୍ତିଙ୍କ ସମେତ ଦରକଣ୍ଟିଆ ଗ୍ରାମରୁ ଆସିଥିବା ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ସମିତିର ସ୍ଥାୟୀ ସଭାପତି ମୁର୍ମୁ 'ଆମ ପୋଲିସ ସମିତି' ର କାର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ସଂଶୋଧିତ ମୋଟର ଯାନ ଆଇନ ଏବଂ ଜରିମାନାର ବର୍ଦ୍ଧିତ ରାଶି, ଡାହାଣୀ ଭଳି ଅନ୍ଧବିଶ୍ୱାସ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତ୍ୟକ ସାମାଜିକ କାର୍ଯ୍ୟରେ ପୋଲିସର ସହାୟତା ସାଙ୍ଗକୁ ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ପ୍ରଦାନ କାର୍ଯ୍ୟକୁ ପୋଲିସ ଅଗ୍ରାଧିକାର ଦେଉଥିବା ଥାନା ଅଧିକାରୀ ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍ଗିରିପୋଷି ଥାନାର ଏଏସଆଇ ଅଶୋକ କୁମାର ଦାସ ଉପସ୍ଥିତ ଲୋକଙ୍କଠାର ପୋଲିସର କାର୍ଯ୍ୟ ନେଇ ମତାମତ ଗ୍ରହଣ କରିଥିଲେ। ଶେଷରେ ଏ.ଏସ.ଆଇ ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବାରିପଦା ଅଫିସ,୨୯।୧୨**

ବାରିପଦା ସହରସ୍ଥିତ ମଧୁବନ ମିନି ଷ୍ଟାଡିୟମ ଠାରେ ମୟୂରଭଞ୍ଜ କ୍ରିକେଟ ଏକାଡେମୀ ତରଫରୁ ମହେଶ ସିହ୍ନା ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ କିଶୋର କୁମାର ବିଶ୍ୱାଳ, ଡିଭାଇନ ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ବିପ୍ଲବ ଭଞ୍ଜନ ଭୁଗୁଡେଇ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ଏମ୍‌କେସି ଓ ସେଣ୍ଟମେରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେଣ୍ଟମେରି ଟସ୍ ଜିତିବା ପରେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୦ ଓଭର ଖେଳି ୬୧ ରନ ସଂଗ୍ରହ କରିଥିଲା। ଏମ୍‌କେସି ଦଳ ୩ଟି ଉଇକେଟ ହରାଇ ଆବଶ୍ୟକ ରନସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବିଦ୍ୟାବିହାର ହାଇସ୍କୁଲ ଓ ବ୍ରାଇଟ ଏଲ୍ ପବ୍ଲିକ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରାଇଟ ଏଲ୍ ଦଳ ବିଜୟୀ ହୋଇଛି। ସେହିପରି ତୃତୀୟ ମ୍ୟାଚ୍ ଏମ୍‌କେସି ହାଇସ୍କୁଲ ଓ ଶିଶୁମନ୍ଦିର ମଧ୍ୟରେ ହୋଇଥିବା ବେଳେ ଏଥିରେ ଏମ୍‌କେସି ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍ ବ୍ରାଇଟ ଏଲ୍ କରଞ୍ଜିଆ ଓ ସେଣ୍ଟ ଜାଭିୟର ମଧ୍ୟରେ ହୋଇଥିଲା। ଏଥିରେ ବ୍ରାଇଟ ଏଲ୍ ବିଜୟୀ ହୋଇଥିଲା। ଏହି ସମସ୍ତ ମ୍ୟାଚ୍‌କୁ ସୌଜିତ ସାହୁ ଓ ହଚେସ ପାଲ ପରିଚାଳନା କରିଥିଲେ। ମ୍ୟାଚ୍ ରେଫରିଭବେ ଫାଲଗୁନି ମହାନ୍ତି ଓ ପୁଲିନ ସିନା ଏବଂ ସ୍କୋରର ଭାବେ ଅମିୟ ସାହୁ ଦାୟିତ୍ୱରେ ଥିଲେ। ଟୁର୍ନାମେଣ୍ଟର ସମ୍ପାଦକ ଚିନ୍ମୟ ସିହ୍ନା ଓ କାର୍ଯ୍ୟକାରୀ ସମ୍ପାଦକ ଲୋହିତ ଦାସ ପ୍ରମୁଖ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥିଲେ। ରଞ୍ଜନ ଚାଟାର୍ଜୀ ଓ ତାପସ ରଞ୍ଜନ ମହାନ୍ତି ମ୍ୟାଚ୍‌ଗୁଡିକର ଧାରା ବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି।

### ଜାତୀୟ ସେବା ଯୋଜନା ଶିବିର

**ବାଙ୍ଗିରିପୋଷି,୨୯।୧୨(ଡି.ଏନ୍.ଏ.):** ବିନୋଦିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଶିବିର ପୁନାସିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗତ ୭ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରୋଗ୍ରାମ ଅଧିକାରିଣୀ ଅଧ୍ୟାପିକା ଦେବସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ୨୭ ଜଣ ଶିବିରାର୍ଥୀ ସ୍ୱଚ୍ଛ ଭାରତ ଅଭିଯାନରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଶେଷରେ ଶିବିରାର୍ଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### 'ପ୍ରତିଭା ବିକାଶ ଦିଗରେ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ'

**ଉଦଳା,୨୯।୧୨(ଡି.ଏନ୍.ଏ.)**

**ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**



ଉତ୍ସବରେ ଉପସ୍ଥିତ ଅତିଥି।

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ଅଧୀନ ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ସାଂସ୍କୃତିକ ମଞ୍ଚରେ ଅଧ୍ୟକ୍ଷା ଜୟଶ୍ରୀ ଚୌଧୁରୀ ସଭାପତିତ୍ୱ କରିଥିଲେ। ଲୋକସଭା ସଦସ୍ୟ ଇଂ ବିଶେଶ୍ୱର ଟୁଡୁ ମୁଖ୍ୟ ଅତିଥି, ବିଧାୟକ ଭାସ୍କର ଚନ୍ଦ୍ର ମଡେଇ ମୁଖ୍ୟବକ୍ତା ଏବଂ ପୂର୍ବତନ ମନ୍ତ୍ରୀ ତଥା ପରିଚାଳନା କମିଟିର ସଭାପତି ଗୋଲକ ବିହାରୀ ନାଏକ ବିଶିଷ୍ଟ ଅତିଥି ଏବଂ ସହକାରୀ ଜିଲାପାଳ ଗୌରହରି ମହାନ୍ତ, କଲେଜ ପ୍ରତିଷ୍ଠାତା ସଭ୍ୟ ଆଇନଜୀବୀ ବସନ୍ତ କୁମାର ପରିଡା, ସମାଜସେବୀ ପ୍ରମିଳା ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନିଜର ଅନ୍ତର୍ନିହିତ ପ୍ରତିଭାକୁ ବିକାଶ କରିବା ପାଇଁ ଶିକ୍ଷା ଏକମାତ୍ର ବଳିଷ୍ଠ ମାଧ୍ୟମ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ୟୁଜିସି ଅନୁଦାନରେ ନିର୍ମିତ ନୂତନ ମହିଳା ହଷ୍ଟେଲକୁ ଉଦ୍‌ଘାଟନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରଥମେ କ୍ଷୀରୋଦ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ରବିନାରାୟଣ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଅଶ୍ୱିନୀ କୁମାର ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଅବସରରେ ସାଂସ୍କୃତିକ ମଞ୍ଚରେ ଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଜଣେ ମୃତ

**ଢେଙ୍କିକୋଟ, ୨୯।୧୨(ଡି.ଏନ୍.ଏ.)-** ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସାନ୍ତରାପୁର ଗ୍ରାମ ପଞ୍ଚାୟତ ରାଇବଣ ସାହି ବୁଲାଣି ରାସ୍ତାରେ ଗତ ଶନିବାର ରାତି ସାଢ଼େ ୭ଟାବେଳେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଲୁନା ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନ୍ତରାପୁର ଗ୍ରାମ ପଞ୍ଚାୟତ ଛତିଆ ଗ୍ରାମର ଗୋବିନ୍ଦ ମୁଣ୍ଡା(୧୮)। ସେ ଶନିବାର ଢେଙ୍କିକୋଟ ସାପ୍ତାହିକ ହାଟ ସାରି ଘରକୁ ଫେରୁଥିବାବେଳେ ଏକ ଅଜଣା ଗାଡ଼ି ଦ୍ରୁତଗତିରେ ଆସି ତାଙ୍କ ଲୁନାକୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ରକ୍ତାକ୍ତ ହୋଇ ପଡ଼ିଥିଲେ। ପ୍ରଥମେ ତାଙ୍କୁ ଘଟଗାଁ ଡାକ୍ତରଖାନା ଏବଂ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବାବେଳେ ଚିକିତ୍ସିତ ଅବସ୍ଥାରେ ରବିବାର ଭୋର ୫ଟାବେଳେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା, କନଷ୍ଟେବଲ ମାନସ ରଞ୍ଜନ ରାଉତ କେନ୍ଦୁଝର ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଘଟଗାଁ ଥାନାରେ ଏକ ମାମଲା (ନଂ. ୨୧୯/୧୯) ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ କହିଛନ୍ତି।

### ଅଗ୍ନିକାଣ୍ଡରେ ଗାଈ ବାଛୁରୀ ମୃତ

**ହାଟଡିହୀ,୨୯।୧୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାବଲେଶ୍ୱର ପଞ୍ଚାୟତ ଜାମିନିପୁର ଗ୍ରାମରେ ଗତ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଫଳରେ ଗୋଟିଏ ଗାଈ ଓ ଗୋଟିଏ ବାଛୁରୀ ପୋଡିହୋଇ ମରିଯାଇଥିଲେ। ଗ୍ରାମର ଅନିରୁଦ୍ଧ ନାୟକଙ୍କ ଗୁହାଳ ଘରେ ମଶା ଘଉଡାଇବା ପାଇଁ ଧୂଆଁ ଦିଆଯାଇଥିଲା। ସେଥିରୁ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଅନ୍ୟ ଏକ ଗାଈ ଓ ବାଛୁରୀ ନିଆଁରେ ପୋଡି ହୋଇ ଗୁରୁତର ହୋଇଛନ୍ତି। ଏଥି ସହ ଖଳାରେ ଥିବା ପ୍ରାୟ ୫୦ହଜାର ଟଙ୍କାର ଧାନ ଗଦା ପୋଡି ପାଉଁଶ ହୋଇଯାଇଛି। ବୈତରଣୀରୋଡରୁ ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ସମଣା ଆରଆଇ ପୁରୁଷୋତ୍ତମ କୁଅଁର ଗ୍ରାମକୁ ଯାଇ କ୍ଷୟକ୍ଷତିର ଆକଳନ କରିଛନ୍ତି।

### ଗୋବର୍ଦ୍ଧନ ୧୦୮କୁଣ୍ଡୀୟ ମହାଯଜ୍ଞ ପାଇଁ ଭୂମିପୂଜନ

**କେନ୍ଦୁଝର,୨୯।୧୨( ସ୍ୱ.ପ୍ର.)-** ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ଗୋବର୍ଦ୍ଧନ ଗ୍ରାମରେ ହେବାକୁଥିବା ୧୦୮କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ରବିବାର ଦିବା ୧୧ଘଟିକାରେ ଜନତା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଭୂମିପୂଜନ ସମାପନ ହୋଇଯାଇଛି। ଏହାକୁ ବିଶ୍ୱାମିତ୍ର ମାଟିଆ ସହଯୋଗୀ ରବୀନ୍ଦ୍ର ପ୍ରଧାନ ଯଜ୍ଞ ସଞ୍ଚାଳନ କରିଥିଲେ। ଏଥିରେ ୫ଶହ ଦେବ ଦମ୍ପତି ଭାଗନେଇଥିଲେ। ପାଖ ଅଞ୍ଚଳର ତଥା କେନ୍ଦୁଝର ଜିଲାର ୧୩ଟି ବ୍ଲକ ର ପରିଜନ ଭାଇ ଭଉଣୀ ଉପସ୍ଥିତ ଥିଲେ। ଗାୟତ୍ରୀ ପରିବାର ଜିଲାର ସଂଯୋଜକ ରମେଶ ଚନ୍ଦ୍ର ମିଶ୍ର, ଜିଲା ସଂଗଠକ ନବୀନ କୁମାର ମହାନ୍ତ, ଡ. ଅରୁଣ କୁମାର ସାହୁ, ରବୀନ୍ଦ୍ର ନାଥ ସାହୁ, ପ୍ରମୋଦ ବରାଳଙ୍କ ସମେତ ଗୋବର୍ଦ୍ଧନ ଗ୍ରାମର ଯୁବକସଂଘ ଏଥିରେ ସହଯୋଗ କରିଥିଲେ। ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ୧୫ଶହ ଜନସାଧାରଣ ସମାଗମ ହୋଇଥିଲା।ଆସନ୍ତା ଫେବୃଆରୀ ମାସ ୩ତାରିଖ ଦିନ ୯ଘଟିକାରେ ୫ହଜାର ଭଉଣୀଙ୍କୁ ନେଇ କଳସ ଯାତ୍ରା ହେବ।

### ଜାତୀୟ ସେବା ଶିବିର ଉଦ୍‌ଯାପିତ

**ହାଟଡିହୀ,୨୯।୧୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଡଙ୍ଗ ଆଞ୍ଚଳିକ ମହାବିଦ୍ୟାଳୟରେ ଜାତୀୟ ସେବା ଶିବିର ଅଧକ୍ଷ ସୁବ୍ରତ କୁମାର ନାୟକଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଯାଇଛି। ସଡଙ୍ଗ ପଞ୍ଚାୟତ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଯେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଯୋଜକ ଦୁର୍ଯ୍ୟୋଧନଚ ସାହୁ ପରିଚାଳନା କରିଥିଲେ। ଏଥରେ ୨୫ଜଣ ଛାତ୍ରଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ୭ଦିନ ଧରି ଚାଲିଥିଲା ବେଳେ ଗତ ୨୭ ତାରିଖ ଶେଷ ହୋଇଛି। ରାଷ୍ଟ୍ର ଗଠନରେ ସେବାହିଁ ଏକମାତ୍ର ମାଧମ ବୋଲି ଅଧକ୍ଷ ନାୟକ ଓ ମୁଖ୍ୟଅତିଥି ଯେନା ମତବ୍ୟକ୍ତ କରିଥିଲେ। ଅନାଥ ଚରଣ ସେଠୀ, ଅତୁଲ ଚରଣ ଜେନା, ଆଲୋକ ଭୋଇ , ତ୍ରିଲୋଚନ ରାଉଳ, ବିଷ୍ଣୁ ଚରଣ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବହେଳିତ ସୋଲା ଚାଷୀ

**କେନ୍ଦୁଝର, ୨୯।୧୨(ସ୍ୱ.ପ୍ର.)**



ଶୀତୁଆ ଓ ମେଘୁଆ ପାଗରେ ରାସ୍ତାକଡ଼ରେ ଗ୍ରାହକଙ୍କ ଅପେକ୍ଷାରେ।

■ମିଳୁନି ପ୍ରୋତ୍ସାହନ, ଜଳସେଚନ ଓ ବଜାର ସମସ୍ୟା

ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ହରିଚନ୍ଦନପୁର ବ୍ଲକର ବଡ଼କମଣ୍ଡରା ଓ ଆଖପାଖ ଅଞ୍ଚଳର ସୋଲା ଚାଷୀ ଉପକୃତ ହୋଇପାରୁନାହାନ୍ତି। ବିନା ଜଳସେଚନ ବ୍ୟବସ୍ଥା ଓ ପ୍ରୋତ୍ସାହନରେ ସୋଲା ଚାଷକରି ପରିବାର ଗୁଜୁରାଣ କରୁଛନ୍ତି । ବଜାର ଅଭାବରୁ କେନ୍ଦୁଝର ସହରକୁ ଆସି ଶୀତୁଆ ସକାଳ ଓ ବର୍ଷାରେ ରାସ୍ତାକଡ଼ରେ ବେପାରୀଙ୍କ ଅପେକ୍ଷାରେ ବସିବାକୁ ପଡୁଛି। ଜଳସେଚନ ବ୍ୟବସ୍ଥା ନ ଥିବାରୁ ବର୍ଷା ଉପରେ ସେମାନେ ନିର୍ଭର କରି ଚାଷ କରିଥାନ୍ତି । ଚଳିତ ବର୍ଷ କମ୍ ବର୍ଷା ଯୋଗୁ ପୂର୍ବ ବର୍ଷ ଅପେକ୍ଷା କମ୍ ଅମଳ ହୋଇଥିବା ଚାଷୀମାନେ କହିଛନ୍ତି।

ପ୍ରକାଶ ଯେ, ଉକ୍ତ ଗ୍ରାମରେ ପାଖାପାଖି ୨୬୦ ଘର ରହିଥିବା ବେଳେ ପ୍ରାୟ ସମସ୍ତେ ଧାନଚାଷ ପରେ ଏହି ସୋଲା ଚାଷକରି ପରିବାର ଚଳାଇଥାନ୍ତି। ଏହି ଅଞ୍ଚଳର ମାଟି ସୋଲା ଚାଷ ପାଇଁ ଉତ୍କୃଷ୍ଟ। ଏଣୁ ଏ ନେଇ ପ୍ରଶାସନ ପକ୍ଷରୁ ସହାୟତା ଓ ପ୍ରୋତ୍ସାହନ ମିଳିଲେ ଉକ୍ତ ଅଞ୍ଚଳବାସୀ ଅଧିକ ଲାଭବାନ ହୋଇପାରନ୍ତେ । ଏହାଛଡା ବିଲାତି, ହରଡ଼, ବିରି ଆଦି ଚାଷକରି ଭଲରେ ଚଳିଆସୁଛନ୍ତି । ଅନେକ ସମୟରେ ବେପାରୀମାନେ ସେମାନଙ୍କ ଘରକୁ ଯାଇ ବିଭିନ୍ନ ଶସ୍ୟ କିଣିଆଣନ୍ତି। ଆଉ ଅନେକ ସମୟରେ ସେମାନଙ୍କୁ ହାଟବଜାର ବୁଲି ବିକିବାକୁ ପଡୁଛି ବୋଲି ସେମାନେ କହିଛନ୍ତି। ଏହି ଗ୍ରାମରୁ ଜିଲା ତଥା ଜିଲା ବାହାରକୁ ସୋଲା ଚାଲାଣ ହୋଇଥାଏ। କଞ୍ଚା ସୋଲା ଛଡ଼ାଇ ଖାଇବାକୁ ସମସ୍ତେ ଭଲ ପାଆନ୍ତି। ଏଣୁ କଞ୍ଚା ସୋଲା ଗଛରୁ ସେମାନେ ଅଧିକ ଲାଭ କରିଥାନ୍ତି। ବିଡ଼ା ବାହାରେ ୧୦ ଟଙ୍କାରେ ବିକ୍ରି ହୋଇଥାଏ । କିନ୍ତୁ ବେପାରୀ ମାନେ ୧୦୦ ଟଙ୍କାରେ ୧୩୦ରୁ ୧୫୦ ବିଡ଼ା ପର୍ଯ୍ୟନ୍ତ କିଣି ନେଇଥାନ୍ତି ବୋଲି ଚାଷୀ କହିଛନ୍ତି। ପାଖରେ କଇଁଝରୀ ନାଳ ବୋହିଯାଇଛି। ଏହି ନାଳ ଗୋନାସିକା ପାହାଡ଼ ଅଞ୍ଚଳରୁ ବାହାରିଛି। ଏହି ନାଳର ଖୁଣ୍ଟବନ୍ଧ, ଡୁମୁରିଆ ନିକଟରେ ବନ୍ଧ ହେଲେ ଏଭଳି ଚାଷକରି ବଞ୍ଚୁଥିବା ବଡ଼କମଣ୍ଡରା, ସାନକମଣ୍ଡରା, କୁଟୁବନ୍ଧ, ମହୁଲପଶି, ହାତୀନୋଟା, ବ୍ରାହ୍ମଣୀପଙ୍ଗା ଆଦି ଆଖପାଖ ଅଞ୍ଚଳର ବହୁ ଚାଷୀ ଉପକୃତ ହୋଇପାରନ୍ତେ ଏବଂ ବର୍ଷତମାମ ଚାଷ କରିପାରନ୍ତେ ବୋଲି କହିଛନ୍ତି। ଚାଷ କରି ଏହି ଅଞ୍ଚଳର ଲୋକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିଛି। ସରକାରଙ୍କ ପକ୍ଷରୁ ମୌଳିକ ସୁବିଧା ମିଳୁ ନ ଥିଲେ ହେଁ ଲୋକମାନେ ଭଲରେ ଚଳୁଥିବା କହିଛନ୍ତି। ଏହି ସୋଲାଗଛ ଶୁଖିଲେ ଏହା କେଜି ଦରରେ ବିକ୍ରି ହୋଇଥାଏ। ଏହାର ଚାହିଦା ସବୁଠି ରହିଛି। ବାହାରୁ ଏହି ସୋଲା ଆସୁଥିବା ବେଳେ ପ୍ରୋତ୍ସାହନ ମିଳିଲେ ଏଠାରେ ଏହାକୁ ଶୁଖାଇ ବିକ୍ରିବଟା କରି ଅଧିକ ଲାଭବାନ ହୋଇପାରନ୍ତେ ବୋଲି ସୋଲା ଚାଷୀମାନେ କହିଛନ୍ତି। ତେବେ କଞ୍ଚା ସୋଲାରେ ଅଧିକ ଲାଭ ବୋଲି ସେମାନେ ମନେ କରି ବିକିଥାନ୍ତି । ଏହି ସୋଲାକୁ ତରକାରି କରି ଖାଇଥାନ୍ତି ଏବଂ ଗୁଣ୍ଡ କରି ଏଥିରୁ ଛତୁଆ, ବେସନ ଆଦି ପ୍ରସ୍ତୁତ ହୋଇଥାଏ । ଏହାକୁ ବିଭିନ୍ନ ଏସ୍‌ଏଚ୍‌ଜି ସହ ଲିଙ୍କ୍ କରାଯାଇପାରିଲେ ଏହା ଏକ ଶିଳ୍ପର ରୂପ ନେଇପାରନ୍ତା ବୋଲି ମତପ୍ରକାଶ ପାଉଛି।

■ ଚଳିତ ବର୍ଷ ପାଣି ଅଭାବରୁ ଚାଷ ଭଲ ହୋଇନାହିଁ। ମୁଁ ପାଖାପାଖି ଏକ କୁଇଣ୍ଟାଲ ୨୦ କେଜି ବିହନରେ ଚାଷ କରିଛି । ବିହନ, ସାର ଓ ହଳ ବାବଦକୁ ପାଖାପାଖି ୫୦/୬୦ ହଜାର ଟଙ୍କା ଖର୍ଚ୍ଚ କରିଥାଉ । ସେଥିରୁ ପ୍ରାୟ ୧ ଲକ୍ଷରୁ ୧ ଲକ୍ଷ ୨୦ ହଜାର ପର୍ଯ୍ୟନ୍ତ ପାଇବୁ ବୋଲି ଆଶା ରହିଛି ।

*-ବ୍ରହ୍ମାନନ୍ଦ ନାୟକ, ଚାଷୀ*

■ କୃଷି ବିଭାଗ ପାଖରୁ କୌଣସି ସହାୟତା ମିଳୁନାହିଁ। ବ୍ୟାଙ୍କ କିମ୍ବା ଗ୍ରୁପ୍‌ରୁ ଋଣ ଆଣି ଚାଷ କରୁଛୁ। ଜଳସେଚନର ସୁବ୍ୟବସ୍ଥା କରାଗଲେ ଅଧିକ ପରିମାଣରେ ଚାଷ କରିପାରନ୍ତୁ।

*-ତ୍ରିଲୋଚନ ବେହେରା, ଚାଷୀ*

## ମହିଳାଙ୍କଠାରୁ ଲୁଟ୍ ଘଟଣା:୨ ଗିରଫ

**ବଡ଼ବିଲ, ୨୯।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଷ୍ଟେଟବ୍ୟାଙ୍କର ଭଦ୍ରାସାହି ଶାଖାରୁ ଜଣେ ମହିଳା ୪୦ ହଜାର ଟଙ୍କା ଉଠାଣ କରି ବାହାରିବାବେଳେ ଲୁଟ୍ ହେବା ଘଟଣାର ୩ ମାସ ପରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ପୋଲିସ ସେମାନଙ୍କ ନିକଟରୁ ମୋଟ୍ ୪୦ ହଜାର ଟଙ୍କା ନଗଦ ଜବତ କରିବା ସହ ଲୁଟ୍‌ଘଟଣାରେ ବ୍ୟବହୃତ ଏକ ପଲ୍‌ସର ବାଇକ୍‌କୁ ମଧ୍ୟ ଜବତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ କାଶିଆ-ଖ ଗ୍ରାମରେ ରହୁଥିବା ନାମସିଂ ମୁଣ୍ଡା ନାମ୍ନୀ ଜଣେ ମହିଳା ଗତ ସେପ୍ଟେମ୍ବର ୧୬ ତାରିଖରେ ଷ୍ଟେଟବ୍ୟାଙ୍କର ଭଦ୍ରାସାହି ଶାଖାରୁ ୪୦ ହଜାର ଟଙ୍କା ଉଠାଣ କରି ନିଜ ଗ୍ରାମ ଅଭିମୁଖେ ବାହାରିଥିଲା ବେଳେ ହଠାତ ଲୁଟେରା ଦଳ ଆଖିପିଛୁଳାକେ ସମସ୍ତ ଟଙ୍କା ଲୁଟିନେଇ ପଳାୟନ କରିଥିଲେ। ଏ ନେଇ ବଡ଼ବିଲ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଦୀର୍ଘ ୩ ମାସ ୧୪ ଦିନ ପରେ ପୋଲିସ ଉକ୍ତ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିବାରେ ସଫଳତା ଲାଭ କରିଛି। ଘଟଣାରେ ସଂପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବଡ଼ବିଲ ସୟାବାଲି ଅଞ୍ଚଳର ପ୍ରଶାନ୍ତ କୁମାର ବାରିକ ଓ ସୁନ୍ଦରଗଡ଼ ଜିଲା କୋଇଡା କମଣ୍ଡୋ ଅଞ୍ଚଳର ହରିହର ଘଣା ବୋଲି ଜଣାପଡ଼ିଛି।

## ପୋଷା କୁକୁରକୁ ଭୁଲି ପଳାଇଲେ ମାଲିକ

**ଢେଙ୍କିକୋଟ, ୨୯।୧୨(ଡି.ଏନ୍.ଏ.)**



ଢେଙ୍କିକୋଟଠାରୁ ୮ କି.ମି. ଜାତୀୟ ରାଜପଥ ୨୦ନଂ ଚିକିଣିଆଁ ଜଙ୍ଗଲ ନିକଟରେ ଏକ ଡଉଲ ଡାଉଲ ସୁନ୍ଦରିଆ ପୋଷାକୁକୁରକୁ ବେକରେ ଶିକୁଳି ଲାଗିଥିବା ଅବସ୍ଥାରେ କେହି ମାଲିକ ଛାଡ଼ି ପଳାଇଛନ୍ତି। ଯାହାକି କୁକୁରଟି କାନ୍ଦି କାନ୍ଦି ମାଲିକଙ୍କୁ ଅପେକ୍ଷା କରି ରାସ୍ତାକଡ଼ରେ ରାତିସାରା ଅପେକ୍ଷା କରିଥିବାବେଳେ ଗତ ଶନିବାର ସକାଳ ୭ଟାବେଳେ ମର୍ଣ୍ଣିଂ ୱାକ୍‌ରେ ଗଲାବେଳେ କେତେକ ଯୁବକ ସେହି କୁକୁରକୁ ଦେଖିଥିଲେ। ମାତ୍ର କୁକୁର ତାଙ୍କୁ ତା'ର ଆଗ ଦୁଇଗୋଡ଼ ଯୋଡ଼ି ନମସ୍କାର କରି ଅଟାକାଇଥିଲା। ଏବଂ ତାଙ୍କ ସହ ତାଙ୍କ ଘରକୁ ଯାଇଥିଲା। ବର୍ତ୍ତମାନ କୁକୁରଟି କିଛି ନଖାଇ ନ ପିଇ ଦୁଇଦିନ ହେଲା ଢେଙ୍କିକୋଟର ରାହୁଲ ଫାଷ୍ଟଫୁଡ଼ ଦୋକାନ ମାଲିକଙ୍କ ନିକଟରେ ଅଛି। ଏହି କୁକୁର ମାଲିକ ଆସି ସେଠାରୁ କୁକୁରଟିକୁ ନେଇଯିବା ପାଇଁ ମଧ ଫାଷ୍ଟଫୁଡ଼ ମାଲିକ କହିଛନ୍ତି।

## ଖଣି ଫାଟକ ଆଗରେ ଅଞ୍ଚଳବାସୀଙ୍କ ଧାରଣା




କାଟାମାଟି ଖଣିରେ ଅଞ୍ଚଳବାସୀଙ୍କ ଗଣଧାରଣା।

**ଯୋଡ଼ା, ୨୯।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳର ଦେଓଝର ପଞ୍ଚାୟତସ୍ଥିତ କାଟାମାଟି ଖଣି କମ୍ପାନୀ କର୍ତ୍ତୃପକ୍ଷ ଅଞ୍ଚଳବାସୀଙ୍କ ଦାବିପୁରଣ ନ କରିବାରୁ ସୋମବାରଠାରୁ ଖଣିର ମୁଖ୍ୟ ଫାଟକ ସମ୍ମୁଖରେ ଶତାଧିକ ମହିଳାପୁରୁଷ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ୨୦୧୬ ମସିହାରେ କମ୍ପାନୀର ଗ୍ରାମସଭା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଓ କମ୍ପାନୀ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । କମ୍ପାନୀ ଦେଇଥିବା ପ୍ରତିଶ୍ରୁତିକୁ ପରବର୍ତ୍ତୀ ସମୟରେ କାର୍ଯ୍ୟକାରୀ କରି ନଥିଲା। ତା ୩୦।୦୯।୨୦୧୯, ତା ୧୧।୧୦।୨୦୧୯ ଏବଂ ତା ୧୩।୧୧।୨୦୧୯ ରିଖରେ କମ୍ପାନୀ କର୍ତ୍ତୃପକ୍ଷ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଯେଉଁ ଚୁକ୍ତିନାମା ହୋଇଥିଲା ତାହା କମ୍ପାନୀ ଖିଲାପ କରିଥିବାରୁ ଏହାର ଆଲୋଚନା ପାଇଁ ଅଂଚଳବାସୀ ଗତ ୧୮ ତାରିଖରେ ଖଣିର ମ୍ୟାନେଜରଙ୍କୁ ଏନେଇ ପୁନର୍ବାର ଚିଠି ଦେଇଥିଲେ। ମାତ୍ର କମ୍ପାନୀ ଏଥିପ୍ରତି ଅଣଦେଖା କରିବାରୁ ଦେଓଝର, ଚମକପୁର, ଅସେଁଇକଳା, କଣ୍ଡରା ଓ ବିରିକଳା ପ୍ରଭୃତି ୫ଟି ପଞ୍ଚାୟତର ଅଞ୍ଚଳବାସୀ ସୋମବାର ସକାଳ ୮ଟାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାଟାମାଟି ଖଣିର ମୁଖ୍ୟ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ନିଷ୍ପତ୍ତି ନେଇ ଧାରଣାରେ ବସିଥିଲେ। ଏହି ଧାରଣା ସମ୍ପର୍କରେ ଅଞ୍ଚଳବାସୀ କେନ୍ଦୁଝର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ବଡବିଲ ଏସଡିପିଓ ଏବଂ ଯୋଡା ଥାନା ଅଧିକାରୀଙ୍କୁ ଜଣାଇଥିବା ଗ୍ରାମର କିଶନ ମୁଣ୍ଡା, ରାଜୁ ପାତ୍ର, ପ୍ରଦୀପ ପଟ୍ଟନାୟକ, ରଞ୍ଜନ ପିଙ୍ଗୁଆ, ଦୁବରାଜ ହେମ୍ବ୍ରମ, ବୀର ସିଂ ମୁଣ୍ଡା, ରାମ ପାତ୍ର ପ୍ରମୁଖ କହିଛନ୍ତି।

# ବଢୁଚି ଚୋରି, ରାଜ୍ୟ ହରାଉଛି ରାଜସ୍ୱ

**ଯୋଡ଼ା, ୨୯।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳର ସଂରକ୍ଷିତ ଜଙ୍ଗଲରେ ବନ୍ଦ ଥିବା ବିଭିନ୍ନ ଖଣି ଅଞ୍ଚଳରୁ ଅବାଧ ଚୋରା ଲୁହାପଥର ଓ ମୂଲ୍ୟବାନ ମାଙ୍ଗାନିଜ୍ ପଥର କାରବାର ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ରୋକିବାରେ ଯୋଡା ଖଣି ଉପନିର୍ଦ୍ଦେଶାଳୟ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପୋଲିସ ଓ ବନବିଭାଗ କାଁ ଭାଁ ଚୋରା ଖଣିଜ ବୋଝେଇ ଗାଡିକୁ ଧରୁଥିବା ବେଳେ ଚୋରା ଖନନ ହେଉଥିବା ସ୍ଥାନରେ ଯୋଡା ଖଣି ଉପନିର୍ଦ୍ଦେଶାଳୟର ସ୍କ୍ୱାଡ ପହଞ୍ଚି ପାରୁନାହିଁ। ତେଣେ ବିଭାଗ ପକ୍ଷରୁ ପରିବହନ ପାଇଁ ପରିବହନ ଓ ରେଳ ଲୋଡିଂ ଲାଇସେନ୍ସ ଦେବା ପାଇଁ କେତେକ ଅସାଧୁ ଅଧିକାରୀ ରେଳ ଲୋଡିଂ ଲାଇସେନ୍ସ ପାଇଁ ୧ଲକ୍ଷ ଏବଂ ପରିବହନ ଲାଇସେନ୍ସ ପାଇଁ ୭୫ହଜାର ଟଙ୍କା ଲାଞ୍ଚ ନେଉଥିବା ନାମକୁ ଗୋପନରେ ରଖି ଜଣେ ସରକାରୀ ଖଣି ନିରୀକ୍ଷକ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ତା ୨୬/୧୧/୨୦୧୯ ରିଖରେ ଏକ ଘରୋଇ ଖଣିରୁ ଲୁହାପଥର ବୋଝେଇ ହୋଇ ବିଆଇଏଲ୍ ରେଳ ସାଇଡିଂକୁ ଯିବା ପରିବର୍ତ୍ତେ ଟ୍ରକ ଗୁଡିକ ଚାଲାଣ ଦସ୍ତଖତ କରାଇ ଝାଡଖଣ୍ଡ ରାଜ୍ୟ ଅଭିମୁଖେ ଚୋରା ଚାଲାଣ କରାଯାଉଥିବା ବେଳେ ବଡବିଲ ଏସଡିପିଓ ସତ୍ୟବିକାଶ ଭୂୟାଁ ସଦଳବଳ ଓଡିଶା-ଝାଡଖଣ୍ଡ ସୀମାନ୍ତ ଅଞ୍ଚଳରେ ଚଢାଉ କରି ୬ଟି ଲୁହାପଥର ବୋଝେଇ ଟ୍ରକକୁ ଜବତ କରିଥିଲେ। ଏହି ମାମଲାରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ ମଧ କରିଥିଲା । ସେହିପରି ଶନିବାର ଚମ୍ପୁଆ ରେଞ୍ଜ୍ ବାଲିବନ୍ଧ ବନପାଳ ଅଧୀନରେ ଥିବା ଗୁଗୁଦରି ଗ୍ରାମ୍ୟ ଜଙ୍ଗଲ ରାସ୍ତା ଦେଇ ଯାଉଥିବା ଚୋରା ଲୁହାପଥର ବୋଝେଇ ହାଇୱାକୁ ବନବିଭାଗ ପକ୍ଷରୁ ଜବତ କରାଯିବା ସହିତ ଏଥିରେ ସଂପୃକ୍ତ ଦୁଇଜଣଙ୍କୁ ଗିରଫ କରିଥିଲା । ସେମାନେ ହେଲେ ହାଇୱାର ଡ୍ରାଇଭର ଝାଡଖଣ୍ଡ ରାଜ୍ୟର ଟୁରୁକୁ ତାମସାଇ ଓ ହେଲପର ଅଙ୍କୁରା ବିରୁଆ । ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଚମ୍ପୁଆ ରେଞ୍ଜ ଅଧିକାରୀ କାଶିନାଥ ହେମ୍ବ୍ରମ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଉକ୍ତ ଗ୍ରାମ୍ୟ ଜଙ୍ଗଲରୁ ଲୁହାପଥର ବୋଝେଇ କରି ବିଲେଇପଦା ବନପାଳ ଅଧୀନ ବାସୁଦେବପୁର-କଣ୍ଡରା ରାସ୍ତା ଦେଇ ଝାଡଖଣ୍ଡ ରାଜ୍ୟ ଅଭିମୁଖେ ଯାଉଥିବା ବେଳେ ବନବିଭାଗପକ୍ଷରୁ ଚଢାଉ କରାଯାଇଥିଲା। ଓଡିଶା ରାଜ୍ୟର ଯୋଡା ଖଣିମଣ୍ଡଳରୁ ଲୁହାପଥର ଓ ମାଙ୍ଗାନିଜ୍ ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ ରାଜ୍ୟକୁ ଚୋରା ଚାଲାଣ ଅହେତୁକ ପରିମାଣରେ ବୃଦ୍ଧି ପାଇଛି। ଏତଦବ୍ୟତୀତ ବହୁ ଖଣି କମ୍ପାନୀ ଗୁଡିକରୁ ନିମ୍ନମାନର ଲୁହାପଥରର ଖଣିଜ ଅନୁମୋଦନ କରି, ଅଳ୍ପ ମୂଲ୍ୟର ସରକାରୀ ରାଜସ୍ୱ ଦେଇ ଉନ୍ନତ ମାନର ଲୁହାପଥରକୁ ବିଭିନ୍ନ କାରଖାନାକୁ ବିକ୍ରି କରାଯାଉଛି। ଏଥିରେ କେତେକ ଅସାଧୁ ଖଣିମାଲିକ, ପରିବହନ ଠିକାଦାର, କେତେକ ଅସାଧୁ ସରକାରୀ ଖଣି ନିରୀକ୍ଷକ ଏବଂ ଖଣିଜ କ୍ରୟକାରୀ ସଂସ୍ଥାଗୁଡ଼ିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷଭାବେ ସାମିଲ ଥିବାରୁ ଏହି କାର୍ଯ୍ୟ ସହଜରେ ହୋଇପାରୁଛି। ଏହା ଦ୍ୱାରା ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ରାଜ୍ୟ ସରକାର ରାଜ୍ୟର ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯଦି ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଦ୍ୱାରା ଏହାର ତଦନ୍ତ କରାଇଲେ ହେଉଥିବା ହଜାର ହଜାର ଟଙ୍କାର ରାଜସ୍ୱ ହରିଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ମହିଳା ଖବରଦାତାଙ୍କୁ ଆକ୍ରମଣକୁ ନିନ୍ଦା

**କେନ୍ଦୁଝର, ୨୯।୧୨(ସ୍ୱ.ପ୍ର.)**

ଭୁବନେଶ୍ୱରରେ ଜଣେ କର୍ତ୍ତବ୍ୟରତ ଏକ ୱେବ ଚ୍ୟାନେଲର ମହିଳା ଖବରଦାତାଙ୍କୁ ଆକ୍ରମଣ କରାଯାଇଥିବାରୁ କେନ୍ଦୁଝର ଜିଲାର ଖବରଦାତା ମାନଙ୍କ ମଧ୍ୟରେ ନିନ୍ଦା ପ୍ରକାଶ ପାଇଛି। ସବୁବେଳେ ଲୋକଙ୍କ ପାଇଁ ଖବର ସଂଗ୍ରହ କରୁଥିବା ଏବଂ ଅନ୍ୟାୟ, ଅନୀତି ବିରୁଦ୍ଧରେ ଦିନ ରାତି କାମ କରୁଥିବା ଖବରଦାତା ମାନଙ୍କ ପ୍ରତି ଆକ୍ରମଣ ବୃଦ୍ଧି ପାଉଥିବାରୁ ଏହା ଉପରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠାତାଙ୍କ ଜନ୍ମ ଶତବାର୍ଷିକୀ

**କେନ୍ଦୁଝର, ୨୯।୧୨(ସ୍ୱ.ପ୍ର.)**



ଠେଙ୍ଗିଡ଼ିଜୀଙ୍କ ଜନ୍ମ ଶତବାର୍ଷିକୀ ଲାଗି ଶୋଭାଯାତ୍ରା କରାଯାଉଛି।

ଭାରତୀୟ ମଜଦୁର ସଂଘ ସଂସ୍ଥାପକ ତଥା ପ୍ରତିଷ୍ଠାତା ସ୍ୱର୍ଗତ ଦତ୍ତୋପନ୍ତ ଠେଙ୍ଗିଡ଼ିଜୀଙ୍କ ଜନ୍ମ ଶତବାର୍ଷିକ ମହାସମାରୋହ ସ୍ଥାନୀୟ ସରସତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଡା. ମହାନ୍ତ ଓଡ଼ିଶା ରାଜ୍ୟ ଭାରତୀୟ ମଜଦୁର ସଂଘ ର ସଂଗଠନ ମନ୍ତ୍ରୀ ଗିରିଶ ଚନ୍ଦ୍ର ମହାନ୍ତ ଉପସ୍ଥିତ ରହିଥିଲେ। ସ୍ୱର୍ଗତ ଦତ୍ତୋପନ୍ତ ଠେଙ୍ଗିଡ଼ିଜୀଙ୍କ ସୃତି ଚାରଣ କରିବା ସହିତ ଭାରତୀୟ କିଷାନ ସଂଘ ସାମାଜିକ ସମାର ସଭାମଞ୍ଚ ସର୍ବପନ୍ଥମଞ୍ଚ ସ୍ୱଦେଶୀ ଜାଗରଣମଞ୍ଚର ସଂସ୍ଥାପକ ଭାବେ ଆବିର୍ଭାବ ହୋଇ ଦେଶର ଦଳିତ ନିଷ୍ପେସିତ ଦରିଦ୍ର ଶ୍ରେଣୀର ଶ୍ରମିକ ମାନଙ୍କୁ ଏକତ୍ରିତ କରି ଦେଶ ଗଠନରେ ମୁଖ୍ୟ ଭୂମିକା ନିର୍ବାହ କରି ଶ୍ରମିକଙ୍କ ସ୍ୱାର୍ଥ ପାଇଁ ନିଜକୁ ଜୀବନ ସାରା ସଂଗଠନ ପାଇଁ ସମର୍ପିତ କରିଥିଲେ। କେନ୍ଦ୍ର ଓ ରାଜ୍ୟର ନିଷ୍ପତି କ୍ରମେ ଏହି କାର୍ଯ୍ୟକ୍ରମ ଆଗାମୀ ୧୦ ନଭେମ୍ବର ୨୦୨୦ ପର୍ଯ୍ୟନ୍ତ ପାଳିତ ହେବ ବୋଲି ଭାରତୀୟ ମଜଦୁର ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ମୁଖ୍ୟବକ୍ତା ଭାବେ ଗିରିଶ ଚନ୍ଦ୍ର ମହାନ୍ତ, ରାଜ୍ୟ ସଂଗଠନ ସମ୍ପାଦକ ବି.ଏମ.ଏସ. ମୁଖ୍ୟଅତିଥି ବିରଜା ମିଶ୍ର, ବରିଷ୍ଠ ଆଇନଜୀବୀ କେନ୍ଦୁଝର ସମ୍ମାନୀୟା ଅତିଥି ସୁମିତ୍ରା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଶାଶୁ ବୋହୂ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଅତିଥି।

**ତେଲକୋଇ, ୨୯।୧୨(ଡି.ଏନ.ଏ.)**

ତେଲକୋଇ ବ୍ଲକ ଅନ୍ତର୍ଗତ ଓରିଆ ପଞ୍ଚାୟତର ଜଟ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର ଶାଶୁ ବୋହୂଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ୪ଟି ପଞ୍ଚାୟତ ଅଧୀନ ୧୫ଟି ଗ୍ରାମର ଶାଶୁ ଓ ବୋହୂ ଶତାଧିକ ସଂଖ୍ୟାରେ ଅନ୍ତର୍ଭୁକ୍ତ ରହିଥିଲେ। ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଗର୍ଭବତୀ ଓ ପ୍ରସୂତି ମା'ଙ୍କ ଯତ୍ନ, ଖାଦ୍ୟ ଖୁଆଇବା ଉପରେ ଥିବା ଅନ୍ଧବିଶ୍ୱାସ, ମନୋବୃତ୍ତିରେ ପରିବର୍ତ୍ତନ ଆଣିବା ଉପରେ ଆଲୋଚନା ହୋଇଥିଲା। ସ୍ୱେଚ୍ଛାସେବୀ ସଙ୍ଗଠନ ଆଶା ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଡା. ସୁଧାକର ଖିଲାର ଯୋଗଦେଇଥିବା ବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ପ୍ରକଳ୍ପ ପରିଚାଳକ ରଘୁନାଥ ଓଁ, ଶାନ୍ତିର ପ୍ରଚାରକ ଶଶୀ ଭଉଣୀ, ଶିଶୁ ବିକାଶ ପ୍ରକଳ୍ପର ସ୍ୱାସ୍ଥ୍ୟ ସଂଯୋଜକ ପ୍ରଣୟ ବିଶ୍ୱାଳ, ପ୍ରକଳ୍ପ ପରିଚାଳକ ରବିନାରାୟଣ ନାଏକ ଉପସ୍ଥିତ ଥିଲେ। ବାଲ୍ୟ ବିବାହକୁ ରୋକିବା ଏବଂ ଶାଶୁ ବୋହୂ ମଧ୍ୟରେ ସମନ୍ୱୟ ରକ୍ଷା ଓ ମା' ଶିଶୁର ସ୍ୱାସ୍ଥ୍ୟରେ ସୁଧାର ଉପରେ ଆଲୋଚନା ହୋଇଥିଲା। ଶେଷରେ ଶିଶୁ ବିକାଶ ପ୍ରକଳ୍ପର ଖଗେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ତାପମାତ୍ରା ସର୍ବନିମ୍ନ ୪ ଡିଗ୍ରୀକୁ ଖସିଲା

**ବଡ଼ବିଲ, ୨୯।୧୨(ସ୍ୱ.ପ୍ର.)**



ବଡ଼ବିଲ ବନ ବିଭାଗ କାର୍ଯ୍ୟାଳୟ ନିକଟରେ ଥିବା ଘାସପତ୍ରରେ ବରଫର ଆସ୍ତରଣ।

**ଶୀତରେ ଥରୁଛି ବଡ଼ବିଲ**

■ଘାସପତ୍ର, ଗାଡ଼ି ଉପରେ ବରଫର ଆସ୍ତରଣ

କେନ୍ଦୁଝର ଜିଲା ବଡ଼ବିଲରେ ତାପମାତ୍ରା ହ୍ରାସ ପାଇ ପାରଦ ସର୍ବନିମ୍ନ ସ୍ତର ୪ ଡିଗ୍ରୀକୁ ଖସିଆସିଛି। ପୌରାଞ୍ଚଳ ଉପକଣ୍ଠ ତଥା ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ସ୍ଥାନ ଯଥା, ବେଲକୁଣ୍ଡି ରାସ୍ତା, ଡ୍ୟାମ୍ ରୋଡ୍, ଠାକୁରାଣୀ, ସୟାବାଲି, ହାୟାରବୁରୁ, ବଲାଣୀ, କିରିବୁରୁ ଓ ନାଲଦା ଆଦି ଅଞ୍ଚଳର ଖୋଲାସ୍ଥାନରେ ଥିବା ଘାସପତ୍ର ଓ ବିଭିନ୍ନ ଗାଡ଼ି ଉପରେ ବରଫର ଆସ୍ତରଣ ଜମିଥିବା ପରିଲକ୍ଷିତ ହୋଇଛି। ଶନିବାର ସକାଳେ ପାରଦ ୩ ଡିଗ୍ରୀ ତଳକୁ ଖସି ଆସିଥିବାବେଳେ ରବିବାର ସକାଳେ ତାପମାତ୍ରା ବୃଦ୍ଧିପାଇ ପାରଦ ୪ଡିଗ୍ରୀକୁ ବଢ଼ିଛି। ତେବେ ସକାଳ ୧୦ଟା ପର୍ଯ୍ୟନ୍ତ ଜନଜୀବନ ସ୍ୱାଭାବିକ ହୋଇପାରୁନାହିଁ। ଲୋକେ ସ୍ଥାନେସ୍ଥାନେ ନିଆଁ ପୁଇଁ ହେଉଥିବାବେଳେ ଚା' ଦୋକାନଗୁଡିକରେ ବେଶ୍ ଭିଡ଼ ଜମୁଛି। ବାଇକ୍ ଚାଳକଙ୍କ ଯାତାୟାତ ଏକପ୍ରକାର ଠପ୍ ହୋଇଯାଇଛି। କାଁ ଭାଁ ବାଇକ୍ ଚଳାଚଳ କରୁଥିବା ଦେଖାଯାଉଛି। ସକାଳର ଖରାକୁ ଆଶ୍ରା କରିଛନ୍ତି। ଜନସାଧାରଣଙ୍କ ସହ ଜୀବଜନ୍ତୁ, ଲୋକେ ଦିନରାତି ଶୀତବସ୍ତ୍ର ପରିଧାନ କରୁଥିଲେ ହେଁ ଶୀତ ଛାଡ଼ିବାର ନାଁ ଧରୁନାହିଁ। ଘର ଭିତରେ ମଧ ଶୀତଦାଉରୁ ନିସ୍ତାର ନାହିଁ। ତେବେ ଦୀର୍ଘ ୧୫ ବର୍ଷ ପରେ ବଡ଼ବିଲ ଅଞ୍ଚଳରେ ଏଭଳି ଶୀତ ଅନୁଭୂତ ହୋଇଥିଲେ ହେଁ ଶୀତର ପ୍ରକୋପ ଆଗଭଳି ନ ଥିବା ପୁରୁଖା ଲୋକେ କହିଛନ୍ତି। ତେବେ ପାଣିପାଗ ବିଭାଗ ତରଫରୁ ଅଞ୍ଚଳରେ ତାପମାତ୍ରା ମାପିବାର କୌଣସି ସୁବିଧା ନ ଥିବାରୁ ଘରୋଇ ମାପକ ଯନ୍ତ୍ରରୁ ବଡ଼ବିଲରେ ତାପମାତ୍ରା ୪ ଡିଗ୍ରୀ ରହିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ୮ରେ ସିପିଆଇର ସର୍ବଭାରତୀୟ ଧର୍ମଘଟ

**ବନ୍ତ,୨୯।୧୨ (ଡି.ଏନ.ଏ.):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆସନ୍ତା ଜାନୁୟାରୀ ୮ରେ ସର୍ବଭାରତୀୟ ଧର୍ମଘଟ। ଏ ନେଇ ବନ୍ତ ସିପିଆଇ କାର୍ଯ୍ୟାଳୟଠାରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଥୀ ଫକୀର ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ଓ ଶ୍ରମିକ କୃଷକମାରଣ ନୀତି ବିରୋଧରେ ବକ୍ତବ୍ୟ ରଖିଥିଲେ। ନାଗରିକତ୍ୱ ସଂଶୋଧନ ଆଇନ ଯୋଗୁ ଦେଶରେ ଧର୍ମ ଓ ଜାତି ନାମରେ ବିଭେଦ ପରିସ୍ଥିତି ସୃଷ୍ଟି ହୋଇଛି। ଦରଦାମ ନିୟନ୍ତ୍ରଣ ବାହାରକୁ ଯିବା, ମହିଳାଙ୍କ ଉପରେ ହିଂସା ବୃଦ୍ଧି ପାଇବା ଓ ବେକାରୀ ସମସ୍ୟା ବୃଦ୍ଧି ନେଇ ସିପିଆଇ ଜୋନ୍ କମିଟି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆସନ୍ତା ୮ ତାରିଖରେ କେନ୍ଦ୍ରୀୟ ଶ୍ରମିକ ସଂଘ, ଏଆଇଟିୟୁସି ସମେତ ଅନ୍ୟାନ୍ୟ ଶ୍ରମିକ ସଂଘ ଓ ବାମପନ୍ଥୀ ଦଳ ପକ୍ଷରୁ ଦିଆଯାଇଥିବା ମିଳିତ ଧର୍ମଘଟ ଡାକରାକୁ ସଫଳ କରିବା ପାଇଁ ଜୋନ୍ ସମ୍ପାଦକ ରମେଶ ଜେନା ବନ୍ତ ଅଞ୍ଚଳର ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ। ବୈଠକରେ ସାଥୀ ସୁବାସ ବେହେରା, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ଜେନା, କିଶୋର ବେହେରା, ରବୀନ୍ଦ୍ର ତରେଇ, ଭରତ ସେନାପତି, ଉମାକାନ୍ତ ମହାପାତ୍ର, ପବିତ୍ର ସେଠୀ, ନିରଞ୍ଜନ ନାୟକ, ପଞ୍ଚାନନ ସେଠୀ ଓ ରବୀନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟ ସେବା ଶିବିର ଉଦ୍‌ଯାପିତ

**ଧାମନଗର, ୨୯।୧୨ (ଡି.ଏନ.ଏ.):** ଧାମନଗର ବ୍ଲକ କୋଠାରସ୍ଥିତ ସାରଦା ଦେବୀ ମହାବିଦ୍ୟାଳୟ ପକ୍ଷରୁ ଡିଲୋ ପୋଷ୍ୟଗ୍ରାମରେ ଚାଲିଥିବା ଜାତୀୟ ସେବା ଯୋଜନାର ୭ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ଗାନ୍ଧିଆନ ଫିଲୋସଫି, ନୈତିକ ଶିକ୍ଷା, ସାହିତ୍ୟରେ ସେବା ବିପର୍ଯ୍ୟୟ ପରିଚାଳନା, ବିଜ୍ଞାନର ଆବଶ୍ୟକତା ଓ ଜାତୀୟ ସଂହତି ଉପରେ ଶିବିରରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ପଦଯାତ୍ରା ଓ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ପର୍ଯ୍ୟାୟକ୍ରମେ ଅତିଥି ଭାବେ ଡ. ଝରଣା ପଟ୍ଟନାୟକ, ରାଧାରାଣୀ ମହାପାତ୍ର, ପ୍ରାଧାପକ ସଂଗ୍ରାମ କେଶରୀ ମହାନ୍ତି, ଅଧାପକ ଶ୍ରୀଧର ସାହୁ, ଅମର ପଣ୍ଡା, ହୃଷୀକେଶ ରାଉତ, ଦୟାନିଧି ମିଶ୍ର, ଲୋକେଶ ପଣ୍ଡା ଓ ମୁରାରୀ ମୋହନ ପତି ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ଜାତୀୟ ସେବା ସଂସ୍ଥାର ସେବା ଅଧିକାରୀ ରବୀନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଐତିହାସିକ ଗାନ୍ଧୀ କର୍ମମନ୍ଦିର ଶ୍ରୀହୀନ

**ବନ୍ତ,୨୯।୧୨(ସ୍ୱ.ପ୍ର.)**



କର୍ମ ମନ୍ଦିର ପରିସରରେ ମହତାବଙ୍କ ସମାଧୀପୀଠ।

- ସ୍ୱାଧୀନତା ଆନ୍ଦୋଳନର ମୂକସାକ୍ଷୀ
- ସ୍ୱଦେଶୀ ଆନ୍ଦୋଳନ ପାଇଁ ଦିଆଯାଉଥିଲା ତାଲିମ୍
- ବିକାଶ ଦିଗରେ ନିଆଯାଉନି ପଦକ୍ଷେପ

ଦେଶକୁ ସ୍ୱାଧୀନ କରିବା ପାଇଁ ସେତେବେଳେ ବହୁ ସ୍ଥାନରେ ସଂଗ୍ରାମୀମାନେ ମେଳି ବାନ୍ଧି ବ୍ରିଟିଶ ଶାସନ ବିରୋଧରେ ରଣକୌଶଳ ପ୍ରସ୍ତୁତ କରୁଥିଲେ। ପରେ ସେହି ସ୍ଥାନଗୁଡ଼ିକ ସ୍ୱାଧୀନତାର ମୂକ ସାକ୍ଷୀ ଭାବେ ପରିଚିତ। ସେଥିମଧ୍ୟରୁ ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ାସ୍ଥିତ ଐତିହାସିକ ଗାନ୍ଧୀ କର୍ମମନ୍ଦିର ଅନ୍ୟତମ। ଏକଦା ମହାତ୍ମା ଗାନ୍ଧୀ ଏଠାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମେଳିରେ ଯୋଗଦେଇଥିବାରୁ ଏହି ସ୍ଥାନର ନାମ ଗାନ୍ଧୀ କର୍ମମନ୍ଦିର ରଖାଯାଇଥିବା କୁହାଯାଏ। ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ପେଣ୍ଠସ୍ଥଳୀ ଏହି କର୍ମମନ୍ଦିର ପ୍ରାଙ୍ଗଣରେ ଲୋକଙ୍କ ମଧ୍ୟରେ ଦେଶପ୍ରେମର ମନ୍ତ୍ର ଫୁଙ୍କୁଥିଲେ ଡ. ହରେକୃଷ୍ଣ ମହତାବ। ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ନେଇ କର୍ମଶାଳାମାନ ଆୟୋଜନ କରାଯାଉଥିଲା। ଏଥିରେ ଆକର୍ଷିତ ହୋଇ ମହତାବଙ୍କ ସାନଭାଇ ଗୋପୀନାଥ ଦାସ, ମୋହିନି ବିବି, ପ୍ରାଣବନ୍ଧୁ ପୁହାଣ, ଚନ୍ଦ୍ରମଣି ସାହୁ, ପଦ୍ମଚରଣ ଦାସ, ଅହଲ୍ୟା ଦେବୀ, ଦାମୋଦର କରଙ୍କ ସମେତ ବହୁ ଲୋକ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ଏବେ ଏହି ଐତିହାସିକ ସ୍ଥାନ ଶ୍ରୀହୀନ ହୋଇପଡ଼ିଥିବାବେଳେ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି।

ଉଲ୍ଲେଖନୀୟ ଯେ, ସ୍ୱଦେଶୀ ଆନ୍ଦୋଳନ ପାଇଁ ଏହି କର୍ମମନ୍ଦିରଠାରେ ତାଲିମ ଦିଆଯାଉଥିଲା। ସେହିପରି ବିଦେଶୀ ବସ୍ତ୍ରକୁ ପରିତ୍ୟାଗ କରି ସ୍ୱଦେଶୀ ବସ୍ତ୍ରକୁ ଗ୍ରହଣ କରିବାକୁ ଏଠାରେ ଲୋକଙ୍କୁ ସଚେତନ କରାଯାଉଥିଲା। ସତ୍ୟାଗ୍ରହ ଆନ୍ଦୋଳନ ସମୟରେ ମହତାବ ଅନୁପସ୍ଥିତ ରହୁଥିବାରୁ ତାଙ୍କ ଧର୍ମପତ୍ନୀ ମହିଳା ସ୍ୱାଧୀନତା ସଂଗ୍ରାମୀ ରାଣୀ ସୁଭଦ୍ରା ମହତାବ କର୍ମମନ୍ଦିର ଦାୟିତ୍ୱ ନେଉଥିଲେ। ସେ ମହିଳାମାନଙ୍କୁ ଏକଜୁଟ କରି ଅରଟରେ ସ୍ୱଦେଶୀ ବସ୍ତ୍ର ପ୍ରସ୍ତୁତ କରୁଥିଲେ। ସ୍ୱାଧୀନତା ସଂଗ୍ରାମର ବହୁ ସ୍ୱାକ୍ଷରତା ବହନ କରୁଥିବା ଏହି ଗାନ୍ଧୀ କର୍ମମନ୍ଦିର ପରିସରରେ ପ୍ରତିଷ୍ଠାତା ଡ. ମହତାବ ଏବଂ ତାଙ୍କ ସହଧର୍ମିଣୀ ରାଣୀ ସୁଭଦ୍ରା ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉଭୟଙ୍କ ସମାଧିପୀଠ ପ୍ରତିଷ୍ଠା କରାଯାଇଛି। ଆଗରପଡ଼ାକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ଏହି କର୍ମମନ୍ଦିର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି। ଏହାର ବିକାଶ ଦିଗରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଅଭିଯୋଗ ହେଉଛି। କର୍ମମନ୍ଦିର ପରିସରର ପାରିପାର୍ଶ୍ୱିକ ଉନ୍ନତି ହୋଇପାରିଲେ ଏହା ମହତାବଙ୍କ ସ୍ମୃତିକୁ ଉଜ୍ଜୀବିତ କରିପାରନ୍ତା ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ୧୪ ନମ୍ବର ଜୋନ୍ ଜିଲାପରିଷଦ ସଭ୍ୟ ପ୍ରଶାନ୍ତ କୁମାର ଦାଶ ଉକ୍ତ ସ୍ଥାନ ବ୍ୟକ୍ତିଗତ ମାଲିକାନାରେ ଥିବାରୁ ଏପର୍ଯ୍ୟନ୍ତ କୌଣସି ସରକାରୀ ଅନୁଦାନ ମିଳିପାରୁ ନାହିଁ ବୋଲି କହିଛନ୍ତି।

# 'ଓଡ଼ିଶାରେ ଚତୁର୍ଥସ୍ତମ୍ଭ ସୁରକ୍ଷିତ ନୁହେଁ'



ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ(ବାମରୁ ୪ର୍ଥ)ଙ୍କ ସହ ଭାଜପା କର୍ମକର୍ତ୍ତା।

**ଭଦ୍ରକ ଅଫିସ, ୨୯।୧୨**

ଓଡ଼ିଶାରେ ଖବରଦାତାଙ୍କୁ ବାରମ୍ବାର ଆକ୍ରମଣ ଘଟଣାକୁ ଭଦ୍ରକ ଜିଲା ଭାଜପା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ତୀବ୍ର ନିନ୍ଦା କରାଯାଇଛି। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଓଡ଼ିଶାରେ ସୁରକ୍ଷିତ ନୁହେଁ। ଶନିବାର ଭୁବନେଶ୍ୱରରେ ବେଆଇନ ପାର୍କିଂ ଫି ଆଦାୟ ସମ୍ପର୍କିତ ଖବର ସଂଗ୍ରହ ବେଳେ ଏକ ୱେବ୍ ଚ୍ୟାନେଲର ଜଣେ ମହିଳା ଖବରଦାତାଙ୍କୁ ମଲ୍ ଭିତରେ ଆକ୍ରମଣ କରାଯିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଜିଲା ଭାଜପା ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବାକୁ ବାଧ ହେବ ବୋଲି ବିରୋଧୀ ଦଳ ଉପନେତା ତଥା ବିଧାୟକ ବିଷ୍ଣୁ ସେଠୀ ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ହେମନ୍ତ କୁମାର ପାଢ଼ୀ, ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣ ଧଳ, ଅଭିମନ୍ୟୁ ସେଠୀ, ଶରତ ପଢ଼ିଆରୀ, ଶଶି ବିଶ୍ୱାଳ, ତପନ ମହାନ୍ତି, ଗୋପାଳ ସାହୁ, ଅନୁପ ମହାନ୍ତି, ବିକାଶ ଶ୍ରେଷ୍ଠା, ପ୍ରଭାକର ସାମଲ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ଚତୁର୍ଥସ୍ତମ୍ଭ ଉପରେ ଆକ୍ରମଣ ଘଟଣାକୁ ନିନ୍ଦା କରିଥିଲେ।

# କଂଗ୍ରେସର ପ୍ରତିବାଦ ସଭା



ପ୍ରତିବାଦ ସଭାରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ।

**ଭଦ୍ରକ ଅଫିସ, ୨୯।୧୨:** କଂଗ୍ରେସର ପ୍ରତିଷ୍ଠା ଦିବସରେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ ପକ୍ଷରୁ ଜିଲା କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା କାର୍ଯ୍ୟାଳୟଠାରୁ ଶତାଧିକ କର୍ମୀଙ୍କୁ ନେଇ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ପ୍ରତିବାଦ ସଭାରେ ଟାଉନ ସଭାପତି ଅବଦୁଲ୍ ମୋକିଦ୍ ଖାଁ ସଭାପତିତ୍ୱ କରିଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ମହାନ୍ତି ବକ୍ତବ୍ୟ ରଖି କହିଥିଲେ, ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ଏଠାରେ ସିଏଏ ଭଳି ବିଭାଜନକାରୀ ଆଇନ ଲାଗୁ କରିବା ଦ୍ୱାରା ଭଦ୍ରକରେ ଏହାର ପ୍ରଭାବ ପଡ଼ି ଭାଇଚାରା ନଷ୍ଟ ହେବାକୁ ଯାଉଛି। ଅନ୍ୟପକ୍ଷେ ଦେଶର ଅର୍ଥନୈତିକ ମାନ୍ଦାବସ୍ଥା ପାଇଁ ସାଧାରଣ ଜୀବନ ଜୀବିକା ହରାଇ କୋଟି କୋଟି ଯୁବତୀଯୁବକ ବେକାର ରହିଥିବାବେଳେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶଛୁଆଁ ହୋଇଛି। ଖଟିଖିଆ ଗରିବ ଲୋକଙ୍କ ପାଇଁ ପିଆଜ, ଡାଲି, ଆଳୁ ଭଳି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ କିଣିବା କଷ୍ଟକର ହୋଇପଡୁଛି। କଂଗ୍ରେସ ନେତ୍ରୀ ମଧୁମିତା ସେଠୀ, ସୁବ୍ରତ ଦାସ, ବ୍ଲକ ସଭାପତି ପ୍ରଫୁଲ୍ଲ ସାମଲ, ପୂର୍ବତନ କାଉନସିଲର ଦିଲୀପ ନାୟକ, ଅସରଫ ଅଲ୍ଲୀ ଖାଁ, ଶେଖ୍ ଜଫିରୁଦ୍ଦିନ୍, ଏନାମୁଲ୍ ହକ ପ୍ରମୁଖ ଏହି ଆଇନକୁ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଥିଲେ। ଗୋଲକ ମହାପାତ୍ର, ଅନନ୍ତ ପଣ୍ଡା, ଟୁଟୁ ମହାପାତ୍ର, ନିରଞ୍ଜନ ମଲ୍ଲିକ, ରାଜନ ଲାହା, ଫେଣ୍ଟ ଆଲମ, ସେକ୍ ଇଲିୟାସ, ରିଆଜ ଖାଁ, ସେକ୍ ଜିକୁ ପ୍ରମୁଖ ସଭା ପରିଚାଳନା କରିଥିଲେ। ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

# ସାବରଙ୍ଗରେ ଖୋଲିଲା ଧାନମଣ୍ଡି

**ପଦ୍ମପୁର, ୨୯।୧୨ (ଡି.ଏନ.ଏ.):** ଭଦ୍ରକ ବ୍ଲକ ଅଧୀନ ସାବରଙ୍ଗ ପଞ୍ଚାୟତରେ ଶନିବାର ଧାନମଣ୍ଡି ଖୋଲିଛି। ମା' ଦୁର୍ଗା ମହିଳା ମହାସଂଘ ପକ୍ଷରୁ ପୂର୍ବାହ୍ନରେ ଧାନକିଣା ଆରମ୍ଭ ହୋଇଥିଲା। ସାବରଙ୍ଗ ସରପଞ୍ଚ ରଞ୍ଜିତା ନାୟକ, ସମିତିସଭ୍ୟା ରଶ୍ମିତା ମହାଳିକ, ଜିଲାପରିଷଦ ସଭ୍ୟା ସୁକାନ୍ତି ନାୟକ, ମହାସଂଘର ସଭାପତି ମମତା ବଳ, ସମ୍ପାଦକ କାଞ୍ଚନବାଳା ସାହୁ, ଏମ୍‌ଜିକେ ବବିତା ମହାପାତ୍ର, ସାମାଜିକ କର୍ମୀ ଟିକୁ ମହାପାତ୍ର ଓ ଭଦ୍ରକ ନିୟନ୍ତ୍ରିତ ବଜାର କମିଟିର ସନ୍ତୋଷ ଦଳାଇ ପ୍ରମୁଖ ଉପସ୍ଥିତ ରହି ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି ମହାସଂଘରେ ଧାନ ବିକ୍ରି ପାଇଁ ୫୬୨ ଚାଷୀ ଅନ୍‌ଲାଇନ୍ ପଞ୍ଜୀକରଣ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୪୩ ଜଣ ଟୋକନ ପାଇଥିବା ସୂଚନା ମିଳିଛି। ମହାସଂଘରୁ ଧାନ ନେବା ପାଇଁ ଚରମ୍ପା ମହାବୀର ମିଲ୍ ଅନୁବନ୍ଧିତ ହୋଇଛି। ଚାଷୀମାନେ ଠିକ୍ ସମୟରେ ବସ୍ତା ନ ପାଇବାରୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରାଯାଇଛି।

# 'ଚେଷ୍ଟା ଅବ୍ୟାହତ ରଖିଲେ ସିଦ୍ଧିର ମାର୍ଗ ସୁଗମ ହେବ'



ଅତିଥିଙ୍କ ଗହଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

**ଭଦ୍ରକ ଅଫିସ, ୨୯।୧୨**

ଭଦ୍ରକ ଚରମ୍ପା ଆଇଟିଆଇର ୩୦ତମ, ଅବନ୍ତିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନବମ, ଡିଗ୍ରୀ କଲେଜର ତୃତୀୟ ଏବଂ ଭେଙ୍କଟେଶ୍ୱର ସ୍କୁଲର ୩ୟ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଛି। ଇଂ. ଅଭୟ ସୁତାରଙ୍କ ସଭାପତିତ୍ୱ, ଇଂ. ଅମିତ୍ ମଲ୍ଲିକ ଓ ଇଂ. ସଙ୍ଗୀତା ଦାସଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ ଏବଂ ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ରୋଟାରିଆନ ତଥା ପୂର୍ବତନ ପର୍ଯ୍ୟଟନ ଅଧିକାରୀ ଅମିୟ ମଲ୍ଲିକ, ଆଇଟିଆଇ ଚରମ୍ପାର ପୂର୍ବତନ ଅଧକ୍ଷା ଇଂ. ଅବନ୍ତୀ ମଲ୍ଲିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନିଷ୍ଠା, ଅଧ୍ୟବସାୟ, ଧୈର୍ଯ୍ୟ ଓ ସାଧନା ବଳରେ ଯେ କେହି ଉନ୍ନତିର ଶିଖର ଛୁଇଁପାରିବେ ବୋଲି ଅତିଥିମାନେ କହିଥିଲେ। ମୁଖ୍ୟବକ୍ତା ଭାବେ ସିମୁଳିଆ ବିଡିଓ ତଥା ଗ୍ରନ୍ଥକାର ଡ. ନରହରି ବେହେରା ଯୋଗଦେଇ ଚେଷ୍ଟା ଅବ୍ୟାହତ ରଖିଲେ ସିଦ୍ଧିର ମାର୍ଗ ସୁଗମ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରବୀଣ କୁମାର ପୃଷ୍ଟି ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଭକ୍ତିପ୍ରିୟ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଭୟ କୁମାର ମଲ୍ଲିକ ସଭାର ଆଭିମୁଖ୍ୟ ପ୍ରଦାନ ଓ ଅରୁନ୍ଧତୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆଶୁତୋଷ ରାଉତ, ମିହିର ନାୟକ, ବିଜ୍ଞାନ ପାଣିଗ୍ରାହୀ, ରଶ୍ମିରଞ୍ଜନ ପାତ୍ର, ଦେବାନନ୍ଦ ବିଶ୍ୱାଳ, ମହେନ୍ଦ୍ର ସାହୁ, ଅଭିଷେକ ନାୟକ, ଘନଶ୍ୟାମ ପଲେଇ, ଉତ୍ତମ ଦତ୍ତ, ଜିତେନ୍ଦ୍ର ବିଶ୍ୱାଳ, ସଞ୍ଜୀବ ମଣ୍ଡଳ, ଅକ୍ଷୟ ପଣ୍ଡା, ଧର୍ମେନ୍ଦ୍ର ନାୟକ, ସତ୍ୟଜିତ୍ ପାତ୍ର, ସସ୍ମିତା ପାତ୍ର, ରାଜଶ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧନା, ଛାତ୍ରୀଛାତ୍ରଙ୍କୁ ମେଧା ଆକଳନ ପୁରସ୍କାର

**ଆରଡ଼ି, ୨୯।୧୨ (ଡି.ଏନ.ଏ.)**



ଜଣେ ଛାତ୍ରୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଶିକ୍ଷକ ହେଉଛନ୍ତି ସମାଜର ଆଲୋକ ବର୍ତ୍ତିକା। ସେମାନଙ୍କ ଯୋଗୁ ଛାତ୍ରୀଛାତ୍ରଙ୍କ ଭାଗ୍ୟ ଆଲୋକିତ ହୋଇଥାଏ। ଶିକ୍ଷକମାନଙ୍କ ନିଷ୍ଠା, ତ୍ୟାଗ ପାଇଁ ସୁସ୍ଥ ସମାଜ ଗଠିତ ହୋଇଥାଏ ବୋଲି ଚାନ୍ଦବାଲି ବ୍ଲକର ମଠଡିହଠାରେ ବାବାମଣି ଶିକ୍ଷକ ସ୍ୱୟଂସହାୟକ ସମିତି ଦ୍ୱାରା ରବିବାର ଅନୁଷ୍ଠିତ ପ୍ରତିଭା ସମ୍ମାନ ଓ ମେଧା ଆକଳନ ପୁରସ୍କାର ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସ୍ଥାୟୀ ସଭାପତି କୈଳାସ ଚନ୍ଦ୍ର ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ ହୃଦାନନ୍ଦ ନାୟକ ପରିଚାଳନା କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶଶଧର ମହନୀ ମୁଖ୍ୟଅତିଥି ଓ ମଞ୍ଜୁଳାବାଳା ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶାନ୍ତିଲତା ମହାନ୍ତି ସ୍ୱରଚିତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଅନୁଷ୍ଠାନ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି। କଷ୍ଟଚନ୍ଦ୍ର ଯେନା ଅତିଥି ପରିଚୟ ଓ ଗଦାଧର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପହଣା ଓ ମଠଡିହ କ୍ଲଷ୍ଟରର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀନାଥ ନାୟକ, କହ୍ନେଇ ଚରଣ ବିଳାସ, ରମାକାନ୍ତ ସାହୁ, ହରିଶ୍ଚନ୍ଦ୍ର ଦାସ, ବିମ୍ବାଧର ନାୟକ, ରକ୍ଷାକର ବାରିକ ଓ ରାହାସ ବିହାରୀ ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ପୂର୍ବରୁ ଉଭୟ କ୍ଲଷ୍ଟରରେ ୫ମ ଓ ୭ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମେଧା ଆକଳନ କରାଯାଇଥିବା ୧୩ ଜଣଙ୍କୁ ପୁରସ୍କୃତ କରାଯାଇଥିଲା।

# ୨୬ରୁ ସର୍ବଭାରତୀୟ ସ୍ୱଧର୍ମ ମହାସଭା

**ତିହିଡ଼ି,୨୯।୧୨(ଡି.ଏନ.ଏ.):** ତିହିଡ଼ି ବ୍ଲକ ସାହାପୁର ପଞ୍ଚାୟତ ଜାଫରାବାଦ ଆନନ୍ଦବଜାରସ୍ଥିତ ରତ୍ନେଶ୍ୱର ମହାଦେବଙ୍କ ପୀଠରେ ଜାନୁୟାରୀ ୨୬ରୁ ସର୍ବଭାରତୀୟ ସ୍ୱଧର୍ମ ମହାସଭା ଅନୁଷ୍ଠିତ ହୋଇ ୩୧ ପର୍ଯ୍ୟନ୍ତ ଚାଲିବ। ମନ୍ଦିର ପରିସରରେ ନେମାଳର ସ୍ୱାମୀ ଗୁରୁପାଦ ବ୍ରହ୍ମ ଅବଧୂତ ସୁକାନ୍ତ ଦାସଜୀ ମହାରାଜଙ୍କ ଉପସ୍ଥିତିରେ ୨ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ଣ୍ଣବୈଷମ୍ୟର ପ୍ରତିରୋଧ କରିବା ସହ ଭାଇଚାରା ସୃଷ୍ଟି ସ୍ୱଧର୍ମ ମହାସଭାର ଲକ୍ଷ୍ୟ ବୋଲି କୁହାଯାଇଥିଲା। ଏହାଛଡ଼ା ଆଧ୍ୟାତ୍ମିକ ଚେତନା ବୃଦ୍ଧି ଓ ସାମାଜିକ ସଂସ୍କାର ଆଣିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା। ରବିନାରାୟଣ ମଲ୍ଲିକ, ପାର୍ଥସାରଥି ନାୟକ, ରଘୁନାଥ ପଣ୍ଡା, ପ୍ରଫୁଲ୍ଲ ପାଢ଼ୀ, ବାବା ବିଜୟା ରାଘବାନନ୍ଦ ଦାସ, ହରିଶ୍ଚନ୍ଦ୍ର ବାରିକ, ସୁଧାଂଶୁ ଡାଙ୍ଗୁଆ, ଅରୁଣ ମହାନ୍ତି, ମଦନ ବିଶ୍ୱାଳ, ବାଦଲ ପଶୁପାଳକ, ଆର୍ତ୍ତବଲ୍ଲଭ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

### ଚିନ୍ତା ଚେତନା ସାହିତ୍ୟ ସଂସଦର ଶୀତ ଆସର

**ବନ୍ତ, ୨୯।୧୨(ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ଚିନ୍ତା ଚେତନା ସାହିତ୍ୟ ସଂସଦର ଶୀତ ଆସର ସ୍ଥାନୀୟ ଇଲେଭେନ ଷ୍ଟାର କ୍ଲବ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସ୍ଥାୟୀ ସଭାପତି ବାଞ୍ଛାନିଧି ରାଉଳ ଏଥିରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଭାସ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଜେନା ଓ କୀର୍ତ୍ତନ ବିହାରୀ ଜେନା ଅତିଥି ଭାବେ ଯୋଗଦେଇ କବିଙ୍କ କବିତାରେ ଶୀତ ଆଗମନରେ ପ୍ରକୃତିର ସମ୍ଭାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ସମ୍ପାଦକ ଅଶୋକ କୁମାର ଦେଓ। ସାହିତ୍ୟିକ ହରିହର ପାଣିଗ୍ରାହୀ ସଭାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପରେ ଦାଶରଥି ଜେନାଙ୍କ ସଂଯୋଜନାରେ କବି ଶଙ୍କର୍ଷଣ ଜେନା, କୃଷ୍ଣଚନ୍ଦ୍ର ଜେନା, ଚିତ୍ତରଞ୍ଜନ ସାମନ୍ତରାୟ, କୀର୍ତ୍ତନ ନାୟକ, ଅଭୟ ପ୍ରଧାନ, ନାରାୟଣ ଲେଙ୍କା, ସୁବୋଧ ସାହୁ, ନିମାଇଁ ଦାସ, ରାମନାରାୟଣ ପାଣିଗ୍ରାହୀ, କୈଳାସ ଧଳ, ପରମାନନ୍ଦ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସହ ସମ୍ପାଦକ ପ୍ରଣୟ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

# ଲୁଟେରାଙ୍କୁ ଧରିବାରେ ପୋଲିସ ବିଫଳ

**ଭଣ୍ଡାରିପୋଖରୀ, ୨୯।୧୨(ଡି.ଏନ.ଏ.)**

- **ବ୍ୟାଙ୍କ ପରିସରରୁ ଲୁଟ୍ ଘଟଣା**
- ଗ୍ରାହକଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ
- ବ୍ୟାଙ୍କ ପରିସର ଓ ସମ୍ମୁଖରେ କଡ଼ା ସୁରକ୍ଷା ବ୍ୟବସ୍ଥା ଦାବି

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ଼ ବଜାରଠାରେ ଥିବା ଆଲ୍ଲାହାବାଦ ବ୍ୟାଙ୍କ ପରିସରରୁ ଜଣେ ଗ୍ରାହକଙ୍କଠାରୁ ଶୁକ୍ରବାର ପୂର୍ବାହ୍ନରେ ଦେଢ଼ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ଲୁଟେରାଙ୍କୁ ଧରିବାରେ ପୋଲିସ ବିଫଳ। ଲୁଟେରା ଲୁଟ୍ କରି ପଳାଉଥିବାବେଳେ ଲୋକଙ୍କ ଆକ୍ରୋଶର ଶିକାର ନ ହେବା ପାଇଁ ବାଇକ୍‌କୁ ରାସ୍ତାରେ ଛାଡ଼ି ଦେଇ ଚାଲି ଯାଇଥିଲେ। ଭଣ୍ଡାରିପୋଖରୀ ପୋଲିସ ଉକ୍ତ ବାଇକ୍ ଜବତ କରିଥିଲା। ନମ୍ବର ଯାଞ୍ଚ କରିବାରୁ ଯାଜପୁର ରୋଡ଼ ଅଞ୍ଚଳର ଜଣେ ଯୁବକଙ୍କ ନାମରେ ଗାଡ଼ି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ। ପୋଲିସ ଉକ୍ତ ଯୁବକଙ୍କ ଘରେ ପହଞ୍ଚି ତଦନ୍ତ କରି ବାଇକ୍ ତାଙ୍କର ବୋଲି ସ୍ପଷ୍ଟ କରିଛି। ସେ ଘରେ ନ ଥିବାରୁ ପୋଲିସ ତଦନ୍ତ କରି ଫେରିଛି। ତେବେ ପୋଲିସ ଲୁଟେରାଙ୍କୁ ଧରିପାରି ନ ଥିବାରୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି।

ଉଲ୍ଲେଖନୀୟ ଯେ, ସ୍ପଷ୍ଟ ଦିବାଲୋକରେ ଲୁଟେରା ବ୍ୟାଙ୍କ ଭିତରେ ପଶି ଗ୍ରାହକଙ୍କଠାରୁ ଟଙ୍କା ଲୁଟି ନେଇ ଫେରାର ହୋଇଯିବା ସମ୍ପୃକ୍ତ ବ୍ୟାଙ୍କର ସୁରକ୍ଷା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରୁ କୁହାଯାଇଛି। ବ୍ୟାଙ୍କ ପରିସରରେ ସିସି କ୍ୟାମେରା ଲାଗିଥିବାବେଳେ ସମ୍ମୁଖରେ ଲଗାଯାଇ ନ ଥିବା ନେଇ ପ୍ରଶ୍ନ ଉଠିଛି। ବ୍ୟାଙ୍କ ପରିସରରୁ ଟଙ୍କା ଲୁଟ୍ ହେଲେ କର୍ତ୍ତୃପକ୍ଷ ଦାୟୀ ରହିବା ଉଚିତ ବୋଲି ଲୁଟ୍‌ର ଶିକାର ହୋଇଥିବା ଅଗେଇବେରା ଗ୍ରାମର ଶଙ୍କର୍ଷଣ ପଣ୍ଡା କହିଛନ୍ତି। ଗ୍ରାହକମାନେ ସୁରକ୍ଷିତ ମନେ କରି ବ୍ୟାଙ୍କରେ ଟଙ୍କା ଜମା କରିଥାନ୍ତି। କିନ୍ତୁ ବ୍ୟାଙ୍କ ଭିତରୁ ଗ୍ରାହକଙ୍କଠାରୁ ଟଙ୍କା ଲୁଟ୍ ହେଲେ କେଉଁ ଭରସାରେ ବ୍ୟାଙ୍କ ଯିବେ ବୋଲି କେତେକ ଗ୍ରାହକ ମତପ୍ରକାଶ କରିଛନ୍ତି। ସମସ୍ତ ଘଟଣାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ପରିସର ଓ ବାହାରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉ ବୋଲି ଦାବି ହେଉଛି। ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଥିବା ସମସ୍ତ ବ୍ୟାଙ୍କର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଦୈନନ୍ଦିନ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ ଲୁଟେରାମାନେ ଏହାର ଫାଇଦା ଉଠାଉଥିବା ଅଭିଯୋଗ ହେଉଛି। କିଛିଦିନ ତଳେ ଜଣେ ଶିକ୍ଷା କର୍ମଚାରୀ ସ୍ଥାନୀୟ ଏକ ବ୍ୟାଙ୍କରୁ ଦେଢ଼ଲକ୍ଷ ଟଙ୍କା ଉଠାଇ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଗାଡ଼ି ରଖି କଥା ହେଉଥିବାବେଳେ ଲୁଟେରାମାନେ ଡିକି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ମଧ୍ୟ ପୋଲିସକୁ ଏଯାଏ ସଫଳତା ମିଳିପାରି ନ ଥିବା କୁହାଯାଇଛି।

# ମହିଳା ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ

**ଭଦ୍ରକ ଅଫିସ, ୨୯।୧୨:** ରାଜ୍ୟରେ ଏବେ ଚତୁର୍ଥସ୍ତମ୍ଭ ଅସୁରକ୍ଷିତ ହୋଇପଡ଼ିଛି। ବାରମ୍ବାର ଖବରଦାତାମାନଙ୍କ ଉପରେ ଆକ୍ରମଣ ଘଟଣା ବଢ଼ିବାରେ ଲାଗିଛି। ଭଦ୍ରକର କାର୍ଯ୍ୟରତ ଖବରଦାତାମାନେ ଏଭଳି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ତୁରନ୍ତ ଖବରଦାତାମାନଙ୍କ ସୁରକ୍ଷା ବିଲ୍ ଆଗତ ପାଇଁ ସେମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ କ୍ୟାମେରାମ୍ୟାନ ଏକାଠି ହୋଇ ଭୁବନେଶ୍ୱରରେ ମଲ୍ ଭିତରେ ଜଣେ ମହିଳା ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ ଜଣାଇଥିଲେ।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖବରଦାତାମାନେ ପ୍ରତିବାଦ କରୁଛନ୍ତି।

# ପର୍ଯ୍ୟଟନ କ୍ଷେତ୍ର 'ଶମୀବୃକ୍ଷ' ଅବହେଳିତ

**କପ୍ତିପଦା,୨୯।୧୨(ଡି.ଏନ୍.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ କୋଳିଅଲମ୍ ଓ ଦେବଳା ପଞ୍ଚାୟତ ସୀମାରେ ରହିଛି ପ୍ରସିଦ୍ଧ ପୌରାଣିକ ପୀଠ 'ଶମୀବୃକ୍ଷ'। ଉଦଳାରୁ ଏହାର ଦୂରତା ପ୍ରାୟ ୧୮ କି.ମି. । ଶମୀବୃକ୍ଷ ପାହାଡ଼ର ଉଚ୍ଚତା ୭ଶହ ମିଟର। ଏହା ପାର୍ଶ୍ୱଦେଇ ପ୍ରବାହିତ କୁଶଭଦ୍ରା ନଦୀ ଏହାର ଶୋଭାକୁ ଦ୍ୱିଗୁଣିତ କରିଛି । ଏହାର ପୂର୍ବକୁ ଅନତି ଦୂରରେ ରହିଛି କାଳବନ୍ଧ। ନିକଟସ୍ଥ ଡୁବିଗଡ଼ ପାହାଡ଼ରେ ଏକ ପୁରାତନ ପୁଷ୍କରିଣୀ ଓ ମନ୍ଦିରର ଚିହ୍ନ ଥିବା ବେଳେ ଇଟାଗଡ଼ ପାହାଡ଼ରେ ଇଟା ନିର୍ମିତ କାନ୍ଥ ମାଟିରେ ପୋତି ହୋଇପଡିଥିବା ଦେଖିବାକୁ ମିଳେ, ଯାହାକି ପୀଠର ପ୍ରାଚୀନତାକୁ ପ୍ରମାଣିତ କରୁଛି।

ଆସନ୍ତା ୧୪ ତାରିଖରୁ ମୟୂରଭଞ୍ଜର ଗଣପର୍ବ ମକର ପାଳନ ଉପଲକ୍ଷେ ଉକ୍ତ ପୀଠରେ ୧୦ ଦିନିଆ ମେଳା ଆୟୋଜନ ଲାଗି ପ୍ରସ୍ତୁତି ଜୋର୍ ଧରିଛି। ପୀଠର ବିକାଶ ଲାଗି ଗଠିତ




ଶମୀବୃକ୍ଷ ପାହାଡ଼ ପ୍ରବେଶ ପଥରେ ନିର୍ମିତ ହୋଇଥିବା ତୋରଣ।

ଅନନ୍ତ ବାସୁଦେବ ଟ୍ରଷ୍ଟ ଓ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବି ପରେ ପର୍ଯ୍ୟଟନ ବିଭାଗ ବ୍ଲକ୍ ଜରିଆରେ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ପ୍ରବେଶ ଦ୍ୱାରରେ ମୁଖ୍ୟ ତୋରଣ, ଶୌଚାଳୟ, ଉଦ୍ୟାନ, ଟି-ହାଉସ ଓ ପାହାଚ ନିର୍ମାଣ ଆଦି ହୋଇଛି। କିନ୍ତୁ ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟାର ପ୍ରତିକାର ହୋଇନାହିଁ। ପାନୀୟ ଜଳ ସୁବିଧା ନ ଥିବାରୁ ପାଇଖାନା କାମରେ ଆସୁନାହିଁ । କୁଶଭଦ୍ରା ନଦୀରେ ଆଡିବନ୍ଧ ନିର୍ମାଣ ହେଉ ନ ଥିବାରୁ ୫ଏକର ଆୟତନବିଶିଷ୍ଟ ମେଳାପଡିଆ ନଦୀଗର୍ଭରେ ଲୀନ ହେବାକୁ ବସିଛି। ମେଳା ପୂର୍ବରୁ ଏସବୁ ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ବାସୁଦେବ ଟ୍ରଷ୍ଟର ମ୍ୟାନେଜର ବିଜୟ କୁମାର ବାରିକ୍, ସଭାପତି ପ୍ରଫୁଲ୍ଲ କୁମାର ଖିଲାର, କବି ଇନ୍ଦ୍ରମଣି ବିନ୍ଧାଣୀ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବି କରିଛନ୍ତି।

ଉଲ୍ଲେଖନୀୟ, ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବଙ୍କ ଅଜ୍ଞାତ ବନବାସ ସମୟରେ ମଧ୍ୟମ ଭ୍ରାତା ଭୀମ ଏଠାରେ କୀଚକଙ୍କୁ ବଧ କରିଥିବା କୁହାଯାଏ। ଏହି କିମ୍ବଦନ୍ତୀ ଆଧାରରେ ଶମୀବୃକ୍ଷ ପାହଡ଼ରେ ପଞ୍ଚୁପାଣ୍ଡବ ଓ ଦ୍ରୌପଦୀଙ୍କ ମୂର୍ତ୍ତି ନିର୍ମାଣ କରି ପୂଜା କରାଯାଇଆସୁଛି। ଏହାର ପାଦଦେଶରେ ଶ୍ରୀ ଶ୍ରୀ ବାସୁଦେବ ମହାପ୍ରଭୁଙ୍କ ମନ୍ଦିର, ପ୍ରଖ୍ୟାତ ଗୀତିକାର କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ଦ୍ୱାରା ସ୍ଥାପିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହକୁ ପୂଜାର୍ଚ୍ଚନା କରାଯାଉଛି। ଏହାସତ୍ତ୍ୱେ ୫ ବର୍ଷ ତଳେ ଜିଲା ପ୍ରଶାସନ ପକ୍ଷରୁ ପ୍ରାୟ ୧ କୋଟି ୧୫ ଲକ୍ଷ ଟଙ୍କାର ଏକ ପ୍ଲାନ ପ୍ରସ୍ତୁତ କରି ପର୍ଯ୍ୟଟନ ବିଭାଗକୁ ପଠାଯାଇଥିଲେ ବି ତାହା ଶୀତଳଭଣ୍ଡାରରେ ପଡ଼ିରହିଛି। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ମନୋରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ମିଳିଥିବା ସହାୟତା ଅନୁଯାୟୀ ବ୍ୟୟବରାଦ ଅନୁସାରେ ଉନ୍ନୟନ କାର୍ଯ୍ୟ କରାଯାଉଛି ଏବଂ ପୀଠର ସାମଗ୍ରିକ ବିକାଶ ଲାଗି ଏକ ଅଟକଳ ପ୍ରସ୍ତୁତ କରି ବିଭାଗକୁ ପଠାଯାଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### କୁଳଡ଼ିହାରେ ମାଈହାତୀର ମୃତଦେହ ଠାବ

**ସଜନାଗଡ଼, ୨୯।୧୨(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଳଡ଼ିହା ଅଭୟାରଣ୍ୟରେ ରବିବାର ସକାଳେ ଏକ ମାଈହାତୀର ମୃତଦେହ ଠାବ କରାଯାଇଛି। ହାତୀଟି ୩/୪ ଦିନ ପୂର୍ବରୁ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ଅଭୟାରଣ୍ୟରେ ପ୍ରତିଦିନ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ହାତୀର ମୃତ୍ୟୁ ସମ୍ପର୍କରେ କିପରି ଜାଣିପାରିଲେ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୁଳଡ଼ିହା ବିଟ୍ ଅଧୀନ ଗୋହିରାଡ଼ାହି ଅଞ୍ଚଳରେ ବନ କର୍ମଚାରୀମାନେ ମାଈହାତୀର ମୃତଦେହ ପଡ଼ିଥିବା ଦେଖି ଉପରିସ୍ଥ ଅଧିକାରୀଙ୍କୁ ଖବର ଦେଇଥିଲେ। ଡିଏଫ୍ଓ ବିଶ୍ୱରାଜ ପଣ୍ଡା, କୁଳଡ଼ିହା ରେଞ୍ଜର ବିଜୟ ମହାପାତ୍ର, କୁଳଡ଼ିହା ଫରେଷ୍ଟର ନରେଶ ସିଂଙ୍କ ସମେତ ପ୍ରାଣୀ ଡାକ୍ତର ପୁଥାଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତ ମାଈହାତୀର ବୟସ ୫ବର୍ଷ। ଏକ ଦନ୍ତା ହାତୀ ସହ ଲଢ଼େଇ କରି ସେ ପ୍ରାଣ ହରାଇଥିବା ଡିଏଫ୍ଓ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ମୃତ ହାତୀକୁ ପୋତି ଦିଆଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ ବୋଲି ସାଧାରଣରେ ଦାବି ହେଉଛି।

### ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**କେନ୍ଦୁଝର, ୨୯।୧୨(ସ୍ୱ.ପ୍ର.):** ସଦର ଥାନା ଅନ୍ତର୍ଗତ ପଳାଶପଙ୍ଗା ଠାରେ ଚାଲିଥିବା ଏକ କୋଚିଂ ସେଣ୍ଟରରେ ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ସେ ଦଶମ ଶ୍ରେଣୀରେ ପଢୁଥିଲେ। ସେ ଅନ୍ୟମାନଙ୍କ ସହିତ ଉକ୍ତ କୋଚିଂ ସେଣ୍ଟରରେ ରହି ପଢୁଥିଲେ ବୋଲି ଉକ୍ତ କେନ୍ଦ୍ରର ଜଣେ କର୍ମଚାରୀ କହିଛନ୍ତି। ଉକ୍ତ ଛାତ୍ରୀ ଜଣଙ୍କ ବାପା ଛେଉଣ୍ଡ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ପୋଲିସ କହିବାନୁଯାୟୀ ଗତ ଶନିବାର ରାତିରେ ତାଙ୍କର ଜନ୍ମଦିନ ପାଳନ ପରେ ହଠାତ ବାନ୍ତି ହୋଇଥିଲା । ଏଣୁ ବିଷାକ୍ତ ଖାଦ୍ୟ ଖାଇ ଏଭଳି ଘଟଣା ଘଟିଥାଇପାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ସେ ଅସୁସ୍ଥ ହେବା ପରେ ତାଙ୍କୁ ପ୍ରଥମେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ତେବେ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । ଏନେଇ ସଦର ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ କହିଛନ୍ତି ଯେ ବିଷାକ୍ତ ଖାଦ୍ୟ ଖାଇବା କାରଣରୁ ଏଭଳି ଅଘଟଣ ଘଟିଥିବା ଆଶଙ୍କା କରାଯାଉଛି । ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ରବିବାର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ । ସେ ପୂର୍ବରୁ ଅସୁସ୍ଥ ଥିଲେ । ହଠାତ ବାନ୍ତି ହେବାରୁ ତାଙ୍କୁ ସେକାସେକି କରିବା ପରେ ଡାକ୍ତରଖାନା ନିଆଯାଇଥିଲା ବୋଲି କୋଚିଂ ସେଣ୍ଟରର ଜଣେ କର୍ମଚାରୀ କହିଛନ୍ତି ।

ଉକ୍ତ କୋଚିଂ ସେଂଟରରେ ପାଖାପାଖି ୧୫ ଜଣ ଛାତ୍ରୀଛାତ୍ର ରହି କୋଚିଂ ନେଉଥିଲେ ବୋଲି କୁହାଯାଉଛି । ଫଳରେ ଏଭଳି ସେଂଟରରେ ଛାତ୍ରୀଛାତ୍ର ମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବିଲରୁ ମିଳିଲା ନିଖୋଜ ବୃଦ୍ଧାଙ୍କ ମୃତଦେହ

**ଭଣ୍ଡାରିପୋଖରୀ, ୨୯।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ନଗୁଁଆ ପଞ୍ଚାୟତ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଦମକଳ କେନ୍ଦ୍ର ପଛପଟ ବିଲ ବୁଦା ନିକଟରୁ ରବିବାର ଅପରାହ୍ନରେ ଜଣେ ବୃଦ୍ଧାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତା ବୃଦ୍ଧା ହେଲେ ସ୍ଥାନୀୟ ବାହାଦଲପୁର ଗ୍ରାମର ସେବତୀ ଦାସ(୫୮)। ଏ ନେଇ ଭଣ୍ଡାରିପୋଖରୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୦/୧୯) ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ସେବତୀ ଗତ ୨୦ ତାରିଖରୁ ନିଖୋଜ ହୋଇଯାଇଥିବା ତାଙ୍କ ଭାଇ ରହଣିଆ ପଞ୍ଚାୟତ ରାଢ଼ୋ ଗ୍ରାମର ଦୀନବନ୍ଧୁ ରାଉତ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ନିଖୋଜ ମାମଲା ରୁଜୁ କରାଯାଇଥିଲା। ରବିବାର ବିଲରୁ ମୃତଦେହ ଉଦ୍ଧାର ପରେ ପରିବାର ଲୋକ ଚିହ୍ନଟ କରିଥିଲେ।

# କେନ୍ଦୁଝରରେ ତୁଷାରପାତ

**ତାପମାତ୍ରା ୬.୬ ଡିଗ୍ରୀ ସେଲସିୟସକୁ ଖସିଲା**



ରାସ୍ତାରେ ତୁଷାରପାତ ହୋଇଛି ।

**କେନ୍ଦୁଝର, ୨୯।୧୨(ଡି.ଏନ୍.ଏ.)**

କେନ୍ଦୁଝରର ସର୍ବନିମ୍ନ ତାପମାତ୍ରା ୬.୬ ଡିଗ୍ରୀ ସେଲ୍ସିୟସରେ ପହଞ୍ଚିଥିବାବେଳେ ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରା ଆହୁରି ୨ ଡିଗ୍ରୀ କମ୍ ଥିବା ଜଣାପଡିଛି। ଫଳରେ ଜିଲାର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଥିବା ଖବର ମିଳିଛି। ଗତ କିଛିଦିନ ହେବ ଜିଲା ତମାମ ପ୍ରବଳ ଜାଡ ଓ ହାଡଭଙ୍ଗା ଶୀତ ଲୋକଙ୍କ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରି ପକାଇଛି। ଏଭଳି ପରିସ୍ଥିତିରେ ଶୁକ୍ରପବାର ରାତି ଓ ଶନିବାର ରାତି ତୁଷାରପାତ ହେବା ଯୋଗୁ ଶୀତର ପ୍ରକୋପ ଅଧିକ ବୃଦ୍ଧି ପାଇଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରବିବାର ଦିନର ସର୍ବନିମ୍ନ ତାପମାତ୍ରା ୬.୬ ଡିଗ୍ରୀ ସେଲସିୟସ ରହିଛି। ଶନିବାର ଦିନର ତାପମାତ୍ରା ବିଗତ କିଛିବର୍ଷର ରେକର୍ଡ ଭାଙ୍ଗି ୫.୬ ଡିଗ୍ରୀ ସେଲସିୟସ ହୋଇଥିଲା। ରବିବାର ଦିନ ତାପମାତ୍ରା ସାମାନ୍ୟ ବୃଦ୍ଧି ପାଇଥିଲେ ମଧ ଶୀତ କମିବାର ନାଁ ଧରୁନାହିଁ। କୋଲଡ୍ ୱେଭ କାରଣରୁ କେନ୍ଦୁଝର ଜିଲା ସମେତ ଅନ୍ୟ ଜିଲାକୁ ପାଣିପାଗ ବିଭାଗ ତରଫରୁ ସତର୍କତା ଜାରି କରାଯାଇଥିବାବେଳେ ଜିଲାର କାଞ୍ଜିପାଣି, ତଣ୍ଡିଯୋଡା, ବାଂଶପାଳ ବ୍ଲକର ବିଭିନ୍ନ ଅଞ୍ଚଳ, ସଦର ବ୍ଲକର ବାଉରୀପଦା, ମୁକୁନା,କେନ୍ଦୁଝର ଜିଲା ସୀମାନ୍ତ ବଲାଣି, କିରିବୁରୁ ସମେତ ଅନ୍ୟାନ୍ୟ ଅଞ୍ଚଳରେ ତୁଷାରପାତ ହୋଇଥିବା ଖବର ମିଳିଛି।

# ପ୍ରଦୂଷଣ ଯାଞ୍ଚ କେନ୍ଦ୍ରରୁ ଚୋରି

- ଗ୍ରାମ୍ୟ ବ୍ୟାଙ୍କ କାନ୍ଥ ଖୋଳି ଚୋରି ଉଦ୍ୟମ
- ଗ୍ୟାସ ଟାଙ୍କି ଛାଡ଼ିଗଲେ ଦୁର୍ବୃତ୍ତ

**ଭଣ୍ଡାରିପୋଖରୀ, ୨୯।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନାଠାରୁ ମାତ୍ର ୫ ଶହ ମିଟର ଦୂର ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସାବିତ୍ରୀ ପ୍ରଦୂଷଣ ଯାଞ୍ଚ କେନ୍ଦ୍ରରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ କେନ୍ଦ୍ରର ବାଥରୁମ୍ ଗ୍ରୀଲ କାଟି ଡ୍ରରୁ ପ୍ରାୟ ୪ ହଜାର ଟଙ୍କା ଚୋରି କରି ନେଇଯାଇଛନ୍ତି। ପ୍ରଦୂଷଣ ଯାଞ୍ଚ କେନ୍ଦ୍ରର କିଚେନ୍ ରୁମ୍‌ରୁ ଚୋରମାନେ ଗ୍ୟାସ୍ କଟର୍‌ରେ ଗ୍ରୀଲ୍ କାଟି ଏହାକୁ ଲାଗି ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଲକର୍ ଗୃହର କାନ୍ଥ ଖୋଳି ଭିତରକୁ ପଶିଥିଲେ ମଧ୍ୟ କିଛି ଚୋରି କରି ନେଇପାରି ନ ଥିବା ଜଣାପଡ଼ିଛି। ତେବେ ଦୁଇଟି ସ୍ଥାନରେ କାନ୍ଥ ଖୋଳା ଯାଇଥିବା ଦେଖିବାକୁ ମିଳିଛି। ଚୋରମାନେ ଗ୍ୟାସ୍ କଟର ପାଇଁ ବ୍ୟବହୃତ ଏକ ଟାଙ୍କି ଛାଡ଼ିଦେଇ ପଳାଇ ଯାଇଛନ୍ତି। ଏ ସମ୍ପର୍କରେ ଖବର ପାଇ ବ୍ୟାଙ୍କ ଶାଖା ପରିଚାଳିକା ସଙ୍ଗୀତା ବିଶ୍ୱାଳ ରବିବାର ଅପରାହ୍ନରେ ଭଣ୍ଡାରିପୋଖରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଆଣି ତଦନ୍ତ କରିଛି। ତେବେ ଥାନାଠାରୁ ମାତ୍ର ପାଞ୍ଚଶହ ମିଟର ଦୂରରେ ଏଭଳି ଚୋରି ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି।



ଚୋରମାନେ ଗ୍ରାମ୍ୟ ବ୍ୟାଙ୍କ କାନ୍ଥ ଖୋଳି ଦେଇଛନ୍ତି।

## ମଦ ଚାଲାଣ ହେଉଥିବା ଗାଡି ଧକ୍କାରେ ରିକ୍ସାଚାଳକ ଆହତ

# ୨ ବେପାରୀଙ୍କୁ ଖୁଣ୍ଟରେ ବାନ୍ଧି ପିଟିଲେ ଲୋକେ

**ବାହାନଗା, ୨୯।୧୨ (ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ଅଞ୍ଚଳରେ ଦିନକୁ ଦିନ ଚୋରା ମଦ ଚାଲାଣ ବଢିବାରେ ଲାଗିଛି। ବ୍ଲକ ଅଧୀନ ଅଭଣା ପଞ୍ଚାୟତ ନଈଆଡି ପାଖରେ ଚୋରାରେ ଏକ ବାଇକରେ ଦେଶୀ ମଦ ଚାଲାଣ ହେଉଥିବା ବେଳେ ଦୁର୍ଘଟଣା ଘଟି ଜଣେ ରିକ୍ସା ଚାଳକ ଗୁରୁତର ହୋଇଛନ୍ତି। ଫଳରେ ନିକଟସ୍ଥ ଗ୍ରାମର ଲୋକେ ମଦ ଚାଲାଣ କରୁଥିବା ୨ଜଣ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିଘୁଞ୍ଚ ମାଡ ମାରିଛନ୍ତି। ତେବେ ଚୋରା ମଦ ବେପାରୀଙ୍କ ବ୍ୟବହୃତ ବାଇକକୁ ଅଟକ ରଖାଯାଇଛି। ଆହତ ରିକ୍ସା ଚାଳକଙ୍କୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି।

ପୁରୁଣା ବାଲେଶ୍ୱରରୁ ଏକ ନମ୍ବର ବିହୀନ ବାଇକ୍‌ରେ ଶିବାନନ୍ଦ ପାତ୍ର, ସପନ କୁମାର ମାଝି ୫ଶହରୁ ଉର୍ଦ୍ଧ୍ୱ ଦେଶୀ ମଦ ଚୋରାଚାଲାଣ କରୁଥିବାବେଳେ ଅଭଣା ନଈ ଆଡ଼ିରେ ଏକ ରିକ୍ସାକୁ ଧକ୍କା ଦେଇଥିଲେ। ରିକ୍ସା ଚାଳକ ଅଭଣା ପଞ୍ଚାୟତର ଶୁକୁଟା ପତି(୩୦) ଚେତା ହରାଇ ତଳେ ପଡ଼ିଯାଇଥିଲେ। ଗୁରୁତର ଆହତ ଅବସ୍ଥାରେ ଶୁକୁଟାଙ୍କୁ ପ୍ରଥମେ ଗୋପାଳପୁର ପରେ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟା ପର୍ଯ୍ୟନ୍ତ ନା ଅବକାରୀ ବିଭାଗ କିମ୍ବା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ଉତ୍ତେଜନା ଦେଖାଦେଇଛି।

# ଡମ୍ଫର ତଳେ ଚାପିହୋଇ ହେଲପରଙ୍କ ମୃତ୍ୟୁ

**ଯୋଡ଼ା, ୨୯।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ କାଳିଆପାହାଡ ଛକ ନିକଟରେ ଏକ ଡମ୍ଫର ଭାରସାମ୍ୟପପ ହରାଇ ଓଲଟି ପଡିବାରୁ ହେଲପରଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତ ହେଲପର ହେଲେ ଫୁଲଝର ଗ୍ରାମର ରଞ୍ଜିତ ପ୍ରଧାନ(୧୯)। ପୋଲିସର ସୂଚନାନୁଯାୟୀ, ଡମ୍ଫର ନଂ ଓଆର୧୪ ଏ ୩୦୮୮ ଅଁରାସ୍ଥିତ ଶ୍ରୀମେଟାଲିକସ୍ କାରଖାନାରୁ ପିଲେଟ ପରିବହନ କରି ପର୍ଜନପୁର ଅଭିମୁଖେ ଯାଉଥିବା ବେଳେ କାଳିଆପାହାଡ ଛକଠାରେ ଭାରସାମ୍ୟ ହରାଇ ରାସ୍ତାର ତଳପାର୍ଶ୍ୱକୁ ଓଲଟିପଡିଥିଲା। ଫଳରେ ଡମ୍ଫରର ବାମ ପାର୍ଶ୍ୱରେ ବସିଥିବା ହେଲପର ରଞ୍ଜିତ ଡମ୍ଫର ତଳେ ଚାପି ହୋଇଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାମେବାରୀ ପୋଲିସ ପହଞ୍ଚି ଡମ୍ଫରଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ପୋଲିସ ଏନେଇ ଏକ ମାମଲା (ନଂ.୧୮୧/୨୦୧୯) ରୁଜୁ କରିଛି।




# ରାଉରକେଲା ଆର୍‌ଏସ୍‌ଏ ଫାଇନାଲରେ

**ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ**



ଆର୍‌ଏସ୍‌ଏ ଟିମ୍‌ର ଅଂଶୁମାନ ଗୋପେଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

**ଭଦ୍ରକ ଅଫିସ,୨୯।୧୨**

ଭଦ୍ରକ ଚରମ୍ପା ହାଇସ୍କୁଲ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ରବିବାର ୨ୟ ସେମିଫାଇନାଲ ମ୍ୟାଚ୍‌ରେ କଟକ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇ ରାଉରକେଲା ଆର୍‌ଏସ୍‌ଏ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ରାଇଜିଂ ଷ୍ଟୁଡେଣ୍ଟ ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୧୧ ରନ୍ କରିଥିଲା। ଦଳର ମିତ୍ରଭାନୁ ପଣ୍ଡା ୩୪ ଏବଂ ସୌଭାଗ୍ୟ ମିଶ୍ର ୩୦ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ନଟରାଜ ବେହେରା ୪ ଏବଂ ନନ୍ଦ ମୁଣ୍ଡା ୨ ଉଇକେଟ୍ ନେଇଥିଲେ। ଆର୍‌ଏସ୍‌ଏ ଟିମ୍ ୨୮.୧ ଓଭରରେ ୭ ଉଇକେଟ୍ ହରାଇ ୨୧୫ ରନ୍ କରି ବିଜୟୀ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟର ଅଭିଜିତ୍ ଘନ ଏବଂ ଜାମେଲା ବି ମହାପାତ୍ର ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଆର୍‌ଏସ୍‌ଏର ରଣଜୀ ଖେଳାଳି ଅଂଶୁମାନ ଗୋପେଙ୍କୁ ପୂର୍ବତନ ଖେଳାଳି ରଞ୍ଜନ ଜେନା ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। କମିଟି ତରଫରୁ ପଦ୍ମନାଭ ପଣ୍ଡା, ଅମିୟ ରାଉତ, ବିଶାଲ ଲାଖାନୀ, ଶ୍ୟାମସୁନ୍ଦର ଗୁପ୍ତା, ମଦନ ମୋହନ ମହାନ୍ତି, ରଜତ ନାୟକ, ତପନ ମଲ୍ଲିକ, ପ୍ରମୋଦ ଦାସ, ସଂଗ୍ରାମ ପଲ୍ଲାର, ପ୍ରିୟବ୍ରତ ଛତର ଓ ରାଜଶେଖର ଯାଦବ ଉପସ୍ଥିତ ଥିଲେ। ଏହି ମ୍ୟାଚ୍‌କୁ ପରିଚାଳନା କରିଥିଲେ ଓସିଏ ପ୍ୟାନେଲ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଏବଂ ରଞ୍ଜନ ମହାନ୍ତି। ତୃତୀୟ ଅମ୍ପାୟାର ଭାବେ ଗଗନ ରାଉଳ, ସ୍କୋରର ଭାବେ ବିକି ଶର୍ମା ଏବଂ ଗୁଡୁ ସରକାର କାର୍ଯ୍ୟ ତୁଲାଇଥିଲେ। ଭାଷ୍ୟକାର ଭାବେ ନୁର୍ ମହମ୍ମଦ ଖାନ୍ ଓ ସନ୍ତୋଷ ଧଳ ଦାୟିତ୍ୱ ନିର୍ବାହ କରିଥିଲେ। ସୋମବାର ଆର୍‌ଏସ୍‌ଏ ଏବଂ ଛତିଶଗଡ଼ ଫରେଷ୍ଟ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ